## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆଦିଗୁରୁ ପଙ୍କଜ ଚରଣ ଦାସଙ୍କ ଶ୍ରାଦ୍ଧୋତ୍ସବ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସର ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଶ୍ରାଦ୍ଧୋତ୍ସବ, ପଠାଣି ସାମନ୍ତ ପ୍ଲାନେଟାରିୟମ ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ପୂର୍ବତନ ଏମ୍‌ପି ତଥା କମ୍ରେଡ ଶିବାଜୀ ପଟ୍ଟନାୟକଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ସ୍ମୃତି ସଭା, ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ ସଭାଗୃହ, ରେଡ୍‌କ୍ରସ ଭବନ ସମ୍ମୁଖ, ପୂର୍ବାହ୍ନ ୧୦ଟା ୩୦।
- ଇନଷ୍ଟିଚ୍ୟୁଟ ଅଫ୍ କ୍ୱାଲିଟି ଆଣ୍ଡ ଏନଭାରମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସ ପକ୍ଷରୁ ଜାତୀୟ ସେମିନାର ଏବଂ କଳିଙ୍ଗ ଏନଭାରମେଣ୍ଟ ଏକ୍ସିଲେନ୍ସ ଆୱାର୍ଡ ଉତ୍ସବ, ହୋଟେଲ ଦି ନ୍ୟୁ ମାରିଅନ, ଅପରାହ୍ନ
- ଗୁରୁ ପଙ୍କଜ ଚରଣ ଓଡ଼ିଶୀ ରିସର୍ଚ୍ଚ ଫାଉଣ୍ଡେଶନ ପକ୍ଷରୁ ଆଦିଗୁରୁ ପଙ୍କଜ ଚରଣ ଦାସଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ସମ୍ପ୍ରଦା, ଉତ୍କଳ ରଙ୍ଗମଞ୍ଚ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସନ୍ଧ୍ୟା ୬ଟା ୩୦।
- ସୁର ବିବର୍ତ୍ତନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସଜରେ ସଜରେ ରଜ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ରିନାଏସେନ୍ସ ୟୁନିଭର୍ସାଲ ପକ୍ଷରୁ ବୈଠକ, ହୋଟେଲ ଏମ୍ପାୟର୍ସ, ସନ୍ଧ୍ୟା ୬ଟା ୩୦।

**କଟକ**

- ସାହିତ୍ୟ ଏକାଡେମୀ ପକ୍ଷରୁ ଗଙ୍ଗାଧର ରଥ ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ର, ଶତାବ୍ଦୀ ଭବନ, ପୂର୍ବାହ୍ନ ୧୦ଟା ।
- ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ସର୍ବୋଦୟ ନେତା ମନମୋହନ ଚୌଧୁରୀଙ୍କ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା, ଗୁଣନିଧି ଭବନ, ଥୋରିଆସାହି, ଅପରାହ୍ନ ୫ଟା ।
- କଳା ବିକାଶ କେନ୍ଦ୍ର ପକ୍ଷରୁ ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି ଶିବିରର ଉଦ୍‌ଯାପନୀ, କେନ୍ଦ୍ର ପରିସର, କେଭିକେ ମାର୍ଗ, ଅପରାହ୍ନ ୫ଟା ।
- ସାହିତ୍ୟ ଏକାଡେମୀ ଓ ଉତ୍କଳ ସାହିତ୍ୟ ସମାଜ ମିଳିତ ଆନୁକୂଲ୍ୟରେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୦ତମ ଜନ୍ମବାର୍ଷିକୀ ଆଲୋଚନାଚକ୍ର, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ।

# ବେଶ ଆଗରେ ରହିବେନି ସେବାୟତ

**ପୁରୀ ଅଫିସ,୧୦।୬**

ସ୍ନାନଯାତ୍ରାଠାରୁ ସୁନାବେଶ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ଶୁକ୍ରବାର ଦଇତାପତି ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନ ଏବଂ ପରିଚାଳନା କମିଟି ଆଲୋଚନା କରିଛି। ରଥ ଉପରକୁ ମୋବାଇଲ ଫୋନ୍ ନେବା ବାରଣଠାରୁ ଆରମ୍ଭ କରି ହାତୀବେଶ ଓ ସୁନାବେଶ ଭଳି ଦୁର୍ଲ୍ଲଭ ବେଶ ସମୟରେ ମହାପ୍ରଭୁଙ୍କ ସମ୍ମୁଖରେ ସେବାୟତମାନେ ନ ରହିବା ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟି ଓ ଦଇତାପତି ନିଯୋଗର ସଦସ୍ୟମାନେ ଉପସ୍ଥିତ ଥିଲେ।

ଦୀର୍ଘଦିନ ପରେ ଭକ୍ତ ଚର୍ମଚକ୍ଷୁରେ ଦାରୁଦିଅଁଙ୍କ ଦର୍ଶନ କରିବେ। ଏଥିରେ କେହି ବାଧକ ନ ହେବା ନେଇ ସେବାୟତମାନେ ଧ୍ୟାନ ଦେବା ଦରକାର ବୋଲି ବୈଠକରେ ସର୍ବସମ୍ମତ ମତ ପ୍ରକାଶ ପାଇଛି। ଦଇତାପତି ସେବାୟତମାନେ ମହାପ୍ରଭୁଙ୍କ ଦର୍ଶନରେ ବାଧକ ସାଜିବେ ନାହିଁ ବୋଲି ପରିଚାଳନା କମିଟି ଓ ପ୍ରଶାସନକୁ ଆଶ୍ୱସ୍ତ କରିଛନ୍ତି। ସ୍ନାନଯାତ୍ରା ଦିନ ସ୍ନାନବେଦୀ ତଳେ ଦିନତମାମ୍ ଦର୍ଶନ ହେବ। ଧୂପ ସରିଲେ, ଭକ୍ତ ସ୍ନାନବେଦୀ ନିକଟକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଚତୁର୍ଦ୍ଧାବିଗ୍ରହଙ୍କୁ କେହି ସ୍ପର୍ଶ କରିବେ ନାହିଁ। ହାତୀବେଶକୁ ସୁରକ୍ଷିତ ରଖାଯିବ ଓ ସଯତ୍ନରେ ଓଲାଗି କରାଯିବ। ସେହିଭଳି ଅନବସର ସମୟରେ ମହାପ୍ରଭୁଙ୍କ ସେବାରେ ଲାଗିବାକୁ ଥିବା ରାଶିତେଲ, ଚନ୍ଦନ ଓ ଝୁଣା ଇତ୍ୟାଦି ପ୍ରସ୍ତୁତ ହୋଇରହିଛି। ଭୋଗ ସାମଗ୍ରୀ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଅନବସର ପରେ ନବଯୌବନଠାରୁ ଭକ୍ତଙ୍କ ଆଗମନ ବଢ଼ିବ। ଏଭଳି ସ୍ଥଳେ ନୀତିକାନ୍ତି ବିଳମ୍ବ ହେଲେ ରଥଯାତ୍ରା ନୀତିକାନ୍ତି ମଧ୍ୟ ପ୍ରଭାବିତ ହେବ। ଏଣୁ ନବଯୌବନ ଦର୍ଶନଠାରୁ ନୀତିକାନ୍ତିକୁ ସମୟ ଥାଇ ସାରିବା ପାଇଁ କୁହାଯାଇଛି। ରଥଯାତ୍ରା ଦିନ ନିର୍ଦ୍ଧାରିତ ସମୟର ଘଣ୍ଟାଏ ପୂର୍ବରୁ ସବୁ ନୀତିକାନ୍ତି କରାଯିବା ପାଇଁ ଯୋଜନା କରାଯାଇଛି। ଯେଉଁ ସମୟ ଧାର୍ଯ୍ୟ ହୋଇଛି, ତା'ଠାରୁ ସଅଳ କାର୍ଯ୍ୟ ହୋଇପାରିଲେ ଠିକ୍ ସମୟରେ ଗୁଣ୍ଡିଚା ଘରେ ରଥ ପହଞ୍ଚିପାରିବ। ସେହିଭଳି ବାହୁଡ଼ାଯାତ୍ରା ଓ ସୁନାବେଶରେ ମଧ ସଅଳ ନୀତିକାନ୍ତି କରାଯିବା ନେଇ ଆଲୋଚନା ହୋଇଥିବା ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି। ସେହିପରି ବରିଷ୍ଠ ଦଇତାପତି ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ସ୍ନାନଯାତ୍ରାର କାର୍ଯ୍ୟକ୍ରମ ଅନୁଯାୟୀ ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଭକ୍ତ ଦର୍ଶନ କରିପାରିବେ। ସ୍ନାନବେଦୀ ଉପରେ ୩ରୁ ୪ ଘଣ୍ଟା ଦର୍ଶନ ହେବ। ସ୍ନାନବେଦୀର ଗୋଟିଏ ପଟେ ଉଠି ଭକ୍ତମାନେ ଅପରପାର୍ଶ୍ୱରେ ଓହ୍ଲାଇବେ। ଆନନ୍ଦବଜାରରେ ମହାପ୍ରସାଦର ବ୍ୟବସ୍ଥା ହେବ। ଭକ୍ତମାନେ ମହାପ୍ରସାଦ ସେବନ କରିପାରିବେ। ସେବାୟତମାନେ ହାତୀବେଶରୁ ଫୁଲ ନେଇପାରିବେ ନାହିଁ। ଭକ୍ତଙ୍କ ଦର୍ଶନ ନ ସରିବା ପର୍ଯ୍ୟନ୍ତ ବେଶ ସୁରକ୍ଷିତ ରହିବ। ବେଶକୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ସୁରକ୍ଷିତ ଭାବେ ରଖାଯିବ। ସ୍ନାନଯାତ୍ରାରେ ୫ରୁ ୭ ଲକ୍ଷ ଭକ୍ତ ପୁରୀ ଆସିବା ସମ୍ଭାବନା ରହିଛି। ତେବେ ଶ୍ରୀମନ୍ଦିର ପ୍ରଶାସନର ବୈଠକ ପରେ ବିଭିନ୍ନ ନିଯୋଗର ମୁଖ୍ୟମାନେ ବୈଠକ କରି ସ୍ନାନଯାତ୍ରା ପରିଚାଳନା ଉପରେ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।


ବୈଠକରେ ଜିଲାପାଳ ସମର୍ଥ ବର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଏବଂ ବରିଷ୍ଠ ଦଇତାପତି ରାମକୃଷ୍ଣ ଦାସ ମହାପାତ୍ର।

### ଦଇତାପତି ନିଯୋଗ ସହ ପ୍ରଶାସନର ବୈଠକ

- ରଥ ଉପରକୁ ମୋବାଇଲ ଫୋନ୍ ମନା
- ଘଣ୍ଟାଏ ଆଗୁଆ ନୀତିକାନ୍ତି ସାରିବାକୁ ନିଷ୍ପତ୍ତି
- ସକାଳ ୬ରୁ ରାତି ୯ ପର୍ଯ୍ୟନ୍ତ ମିଳିବ ଦର୍ଶନ

# ନନ୍ଦିଘୋଷ ଅଖରେ ଫାଟ

## ବଦଳିବ ବ୍ରେକ୍ ଚକର ଅଖ

**ପୁରୀ ଅଫିସ, ୧୦।୬**

ନନ୍ଦିଘୋଷ ରଥର ସାନ ଉଛଳା ତଥା ପଛ ବ୍ରେକ ଚକର ଅଖ ବଦଳିବ। ଅଖରେ ଫାଟ ଥିବାରୁ ଏହାକୁ ବଦଳାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରଥଯାତ୍ରାକୁ ମାତ୍ର ଆଉ ଅଳ୍ପ ଦିନ ରହିଥିବାବେଳେ ରଥ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ଦିନରେ ସାରିବାକୁ ମହାରଣା ସେବାୟତମାନେ ଲାଗିପଡ଼ିଛନ୍ତି। ସେପଟେ ନନ୍ଦିଘୋଷ ରଥ ଅଖରେ ଫାଟ ଦେଖିବାକୁ ମିଳିଛି। ଅଖରେ ଫାଟ ଥିବାରୁ ଓଝା ସେବକମାନେ ଗୁରୁବାର ଅଖ, ଦଣ୍ଡା, କୁଣ୍ଡୁକାକୁ ବାନ୍ଧି ରଖିବା ପାଇଁ କ୍ଲାମ୍ପ ଲଗାଇଥିଲେ। ତେବେ ରଥଯାତ୍ରା ସମୟରେ ଏହି ଅଖ ସମସ୍ୟା ସୃଷ୍ଟି କରିବା ଆଶଙ୍କା ଥିବାରୁ ଏହାକୁ ବଦଳାଯିବାକୁ ନିଷ୍ପତ୍ତି ନିଆଯାଇଛି। ଅଖରେ ଦଣ୍ଡା କଣ୍ଟା ପଡ଼ିବା ପରେ ଉକ୍ତ ଅଖରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ତେଣୁ ରଥ ପାଇଁ ପୁଣି ଗୋଟିଏ ଅଖ ନିର୍ମାଣ ହେବା ପରେ ତ୍ରୁଟିପୂର୍ଣ୍ଣ ଅଖ ବାହାର କରାଯିବା ସହ ନୂଆ ଅଖ ଲଗାଯିବ। ଏଥିଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ସନ୍ଧ୍ୟାରେ ଅଖ ସ୍ଥାନ ଖୋଳାଯାଇ ଅଖ ବଦଳାଯିବାକୁ କାର୍ଯ୍ୟ ଜାରି ରହିଛି। ନନ୍ଦିଘୋଷ ରଥର ମୁଖ୍ୟ ମହାରଣା ବିଜୟ ମହାପାତ୍ର କହିଛନ୍ତି, ଓଝା ସେବକମାନେ କଣ୍ଟା ବାଡ଼େଇବା ବେଳେ ଅଖରେ କ୍ରାକ୍ ଦେଖା ଦେଇଥିଲା। ତେବେ ସମସ୍ୟା ସେତେ ବଡ଼ ହୋଇ ନ ଥିବାରୁ ଉକ୍ତ କ୍ରାକ୍ ସ୍ଥାନରେ କ୍ଲାମ୍ପ ଲଗାଯିବାର ବ୍ୟବସ୍ଥା କରାଯାଇଥିଲା। ଫଳରେ କୌଣସି ଅସୁବିଧା ହୋଇ ନ ଥାନ୍ତା। ମାତ୍ର ବୈଷୟିକ ଟିମ୍ ଯାଞ୍ଚ କରିବା ପରେ ରଥର ଉକ୍ତ ଅଖ ମହାପ୍ରଭୁଙ୍କ ଯାତ୍ରା ସମୟରେ ସମସ୍ୟା ସୃଷ୍ଟି କରିପାରେ ବୋଲି ଆଶଙ୍କା କରିଥିଲେ। ତେଣୁ କ୍ରାକ୍ ଥିବା ଅଖକୁ ବଦଳାଇ ନୂତନ ଅଖ ପ୍ରସ୍ତୁତ କରି ଅଖ ସହ ଚକ ସଂଯୋଗ କରିବା ପାଇଁ କହିଥିଲେ। ଏହାପରେ ବିଶ୍ୱକର୍ମାମାନେ ନୂତନ ଅଖ ପ୍ରସ୍ତୁତ କରିଛନ୍ତି। ଶନିବାର ନୂତନ ଅଖକୁ ଲଗାଯିବା ସହ କ୍ରାକ୍ ହୋଇଥିବା ଅଖ କଢାଯିବ। ଏଥିପାଇଁ ଅଖ ଥିବା ସ୍ଥାନ ବା ମୁହାଣ୍ଟ ତଳ ଖୋଳାଯିବ। ମେଶିନ ଦ୍ୱାରା ନିର୍ଦ୍ଦିଷ୍ଟ ଗଭୀରତା ପର୍ଯ୍ୟନ୍ତ ରାସ୍ତା ଖୋଳାଯିବା ପରେ କ୍ରାକ୍ ଥିବା ଅଖକୁ କଢାଯାଇ ନୂତନ ଅଖ ଲଗାଯିବ। କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ, ନିର୍ଦ୍ଧାରିତ ସମୟରେ ରଥ ନିର୍ମାଣ ସରିବ ବୋଲି ମହାପାତ୍ର ପ୍ରକାଶ କରିଛନ୍ତି।





# ସ୍ନାନପୂର୍ଣ୍ଣିମା ପାଇଁ ଚାନ୍ଦୁଆ ମରାମତି କାର୍ଯ୍ୟ ଆରମ୍ଭ

**ପୁରୀ ଅଫିସ,୧୦।୬:** ଆସନ୍ତା ୧୪ ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ଶ୍ରୀମନ୍ଦିର ପ୍ରଶାସନଠାରୁ ଜିଲା ପ୍ରଶାସନ ଓ ସେବାୟତମାନଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହାପ୍ରଭୁଙ୍କ ହାତୀବେଶକୁ ସ୍ୱଚକ୍ଷୁରେ ଦର୍ଶନ କରିବେ ଭକ୍ତ। ତେବେ ସ୍ନାନଯାତ୍ରା ପାଇଁ ଶୁକ୍ରବାରଠାରୁ ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ରଙ୍କ ନେତୃତ୍ୱରେ ସ୍ନାନବେଦୀ ଉପରେ ଲାଗିବାକୁ ଥିବା ଚାନ୍ଦୁଆର ମରାମତି କାମ ଆରମ୍ଭ ହୋଇଛି। ଏଥିସହ ମହାପ୍ରଭୁଙ୍କ ପହଣ୍ଡି ସମୟରେ ଆବଶ୍ୟକ ହେଉଥିବା ଲୁଗା ୧୨ ହାତିଆ ଗଡା, ୧୬ ହାତିଆ ଗଡା, ସୂତା ପୁଟା, ପତନୀ ନେତ ପୁଟା ଏବଂ କୁସୁମୀ କାମ ଚାଲିଛି। ସ୍ନାନ ମଣ୍ଡପରେ ଲାଗିବାକୁ ଥିବା ୧୪ଟି ଚାନ୍ଦୁଆର ମରାମତି ଚାଲିଛି। ୧୬ଜଣ କାରିଗର ମହାପ୍ରଭୁଙ୍କ କାର୍ଯ୍ୟରେ ନିୟୋଜିତ ହୋଇଥିବା ଦରଜି ସର୍ଦ୍ଦାର ମହାପାତ୍ର ସୂଚନା ଦେଇଛନ୍ତି।

# ଭୁବନେଶ୍ୱରରୁ ବାରବାଟୀ ଷ୍ଟାଡିୟମ ଯାଏ ଚାଲିବ 'ମୋ ବସ୍'

## ଟି-୨୦ ମ୍ୟାଚ୍ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

**ଭୁବନେଶ୍ୱର, ୧୦।୬ (ବ୍ୟୁରୋ)**

କଟକ ବାରବାଟୀ ଷ୍ଟାଡ଼ିୟମ୍‌ରେ ରବିବାର ୧୨ ତାରିଖରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ କ୍ରିକେଟ୍ ମ୍ୟାଚ୍ ହେବ। ଏହାକୁ ନେଇ ଖେଳପ୍ରେମୀଙ୍କ ମନରେ ଖୁବ୍ ଉତ୍ସାହ ଦେଖିବାକୁ ମିଳୁଛି। ତେଣୁ ଏହାକୁ ଦୃଷ୍ଟିରେ ରଖି କ୍ରୁଟ୍ ପକ୍ଷରୁ ସ୍ୱତନ୍ତ୍ର ବସ୍ ସେବା ଯୋଗାଇ ଦିଆଯିବ। ଭୁବନେଶ୍ୱରରୁ ଦୁଇଟି ନୂଆ ରୁଟ୍‌ରେ ବସ୍ ଚାଲିବ। ଗୋଟିଏ ବସ୍ ମାଷ୍ଟରକ୍ୟାଣ୍ଟିନ୍‌ରୁ ରସୁଲଗଡ ଦେଇ ବାରବାଟୀ ଷ୍ଟାଡିୟମ ଏବଂ ଅନ୍ୟଟି ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ପଟିଆ ରୋଡ୍ ଦେଇ ସିଧାସଳଖ ବାରବାଟୀ ଷ୍ଟାଡିୟମ୍ ଯାଏ ଯିବ। ଏହି ସେବା ପାଇଁ ବସ୍ ଭଡ଼ା ଫ୍ଲାଟ୍ ୪୦ଟଙ୍କା ରହିବ। ରାତି ୭ଟାରୁ ୧୧ ଟା ଯାଏ ମ୍ୟାଚ୍ ଚାଲୁଥିବାରୁ ମଧ୍ୟାହ୍ନ ୧୨ଟାରୁ ବସ୍ ସେବା ଆରମ୍ଭ ହେବ ଓ ରାତିରେ ଯେପରି ଖେଳପ୍ରେମୀ ହଇରାଣ ନ ହେବେ ସେଥିପାଇଁ ଗୁରୁତ୍ୱ ଦିଆଯିବ ବୋଲି ମୋ ବସ୍ ପରିଚାଳନା କରୁଥିବା କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଓଡ଼ିଶାର ବିଭିନ୍ନ ଜିଲା ଓ ବାହାର ରାଜ୍ୟରୁ ଆସୁଥିବା ଖେଳପ୍ରେମୀ ପ୍ରାୟ ଭୁବନେଶ୍ୱର ଦେଇ କଟକ ଆସୁଥିବାରୁ କ୍ରୁଟ୍‌ର ଏହି ପଦକ୍ଷେପ ନିହାତି ପକ୍ଷେ ସ୍ୱାଗତଯୋଗ୍ୟ ହେବ। ଏ ସମ୍ପର୍କରେ କ୍ରୁଟ୍‌ର ଜେନେରାଲ ମ୍ୟାନେଜର ଦୀପ୍ତି ମହାପାତ୍ର କହିଛନ୍ତି, କୋଭିଡ୍‌ର ଅନେକ ଦିନ ପରେ ପ୍ରଥମଥର ପାଇଁ କଟକ ବାରବାଟୀ ଷ୍ଟାଡ଼ିୟମ୍‌ରେ ଆନ୍ତର୍ଜାତିକ ଖେଳ ଆୟୋଜିତ ହେଉଛି। ଅନେକ ଖେଳପ୍ରେମୀ ବାରବାଟୀ ଷ୍ଟାଡ଼ିୟମ୍‌ରେ ଲାଇଭ୍ ମ୍ୟାଚ୍ ଦେଖିବା ପାଇଁ ଉତ୍ସାହିତ ଅଛନ୍ତି। ତେଣୁ ସେମାନଙ୍କୁ ମୋ ବସ୍‌ର ସ୍ୱତନ୍ତ୍ର ସେବା ଯୋଗାଇଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ମଧ୍ୟ କଟକରେ ମୋ ବସ୍ ସେବା ଜାରି ରହିଛି ଏବଂ ସହରବାସୀଙ୍କଠାରୁ ଭଲ ପ୍ରତିକ୍ରିୟା ମିଳୁଛି।



# ଆଜିଠୁ ପ୍ଲାନେଟାରିୟମ୍‌ରେ ଅଧିକ ଶୋ

**ଭୁବନେଶ୍ୱର,୧୦।୬(ବ୍ୟୁରୋ)**

ଆସନ୍ତା ୧୪ତାରିଖରୁ ରଜ ପର୍ବ ଆରମ୍ଭ ହେଉଛି। ରଜ ପାଇଁ ସ୍କୁଲ ଛୁଟି ଥିବାରୁ ଏହାକୁ ଦୃଷ୍ଟିରେ ରଖି ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ରେ ଶନିବାରଠାରୁ ଅଧିକ ଶୋ' ବ୍ୟବସ୍ଥା କରାଯାଇଛି। ୧୧ ତାରିଖଠାରୁ ୧୬ ତାରିଖ ଯାଏଁ ପ୍ଲାନେଟାରିୟମ ସକାଳ ୧୧.୩୦ ମିନିଟ୍‌ରୁ ପ୍ରତି ୩୦ ମିନିଟ୍ ଅନ୍ତରାଳରେ ଶୋ' ଚାଲିବ। କେବଳ ସୋମବାର ବନ୍ଦ ରହିବ। ଅପରାହ୍ନ ୪ଟା ଶୋ' ଇଂରାଜୀରେ ଓ ଅନ୍ୟ ସବୁ ହିନ୍ଦୀ ଏବଂ ଓଡ଼ିଆରେ ପରିବେଷଣ କରାଯିବ। ଶୋ' ଆରମ୍ଭ ହେବାର ୩୦ ମିନିଟ୍ ପୂର୍ବରୁ ଟିକେଟ୍ ଦିଆଯିବାର ବ୍ୟବସ୍ଥା କରାଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ହର୍ଷିତା


@ ଉଦିତ୍


@ ପରେଶ


@ ନଶିମ୍


@ ସଞ୍ଜୟ


@ ପବିତ୍ର

# ଆକର୍ଷିତ କରୁଛି ହସ୍ତଶିଳ୍ପ ସାମଗ୍ରୀ

**ଭୁବନେଶ୍ୱର,୧୦।୬(ବ୍ୟୁରୋ)**

### ପଞ୍ଚମ ଦିନରେ ଜାତୀୟ ସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ

ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟର ବିକାଶ ଆୟୁକ୍ତ ଓ ଡୋଭ ଅନୁଷ୍ଠାନ ପକ୍ଷରୁ ଏକାମ୍ର ହାଟରେ ଚାଲିଥିବା ଜାତୀୟ ସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଶୁକ୍ରବାର ପଞ୍ଚମ ଦିନରେ ପହଞ୍ଚିଛି। ପ୍ରଦର୍ଶନୀରେ ଦେଶର ବିଭିନ୍ନ ସ୍ଥାନରୁ ହସ୍ତଶିଳ୍ପ କାରିଗରମାନେ ଅଂଶଗ୍ରହଣ କରି ନିଜର ହାତ ତିଆରି ସାମଗ୍ରୀ ବିକ୍ରି କରୁଛନ୍ତି। ଏହି ପ୍ରଦର୍ଶନୀରେ ପୁରୀର ପଟଚିତ୍ର, ଚାନ୍ଦୁଆ, ତାଳପତ୍ର କାମ, ମହୀଶୂରର ଧୂପକାଠି, କର୍ଣାଟକର କାଠକାମ, ରାଜସ୍ଥାନର ଟାଏ ଏବଂ ଡାଏ ଜ୍ୱେଲାରୀ, ଲକ୍ଷ୍ନୌର ବେଡଶିଟ୍ ଓ କଭର, ବରଗଡ଼, ସୋନପୁର ଓ ସମ୍ବଲପୁରୀ ଶାଢ଼ି, କଶ୍ମୀର ଶାଲ୍ ଆଦି ଭିନ୍ନ ଭିନ୍ନ ରକମର ଆକର୍ଷଣୀୟ ସାମଗ୍ରୀ ସବୁ ଦର୍ଶକଙ୍କୁ ମେଳାକୁ ଟାଣି ଆଣୁଛି। ୫୦ ଶିଳ୍ପୀଙ୍କୁ ନେଇ ଆୟୋଜିତ ହେଉଥିବା ଏହି ମେଳା ୧୫ ତାରିଖ ଯାଏ ଚାଲିବ।


ସ୍ନାନଯାତ୍ରା ପାଇଁ ପୁରୀରେ ଦରଜି ସେବକମାନେ ମହାପ୍ରଭୁଙ୍କ ଲାଗି ଚାନ୍ଦୁଆ ଓ ଲୁଗା ତିଆରି କରୁଛନ୍ତି ।



ନୃତ୍ୟାୟନର ୩୦ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।


ଭୁବନେଶ୍ୱର ଏକାମ୍ର ହାଟରେ ଚାଲିଥିବା ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀର ଏକ ଷ୍ଟଲରେ ଲୋକମାନେ କିଣାକିଣି କରୁଛନ୍ତି।

## ସଂକ୍ଷେପରେ

### ଓକିଲ ସଂଘର ବୈଠକ

ବାଲିଅନ୍ତା,୧୦।୬(ଡି.ଏନ୍.ଏ.): ବାଲିଅନ୍ତାର ଆରାଧ୍ୟା ଦେବୀ ମା' ଉତ୍ତରମୁଖୀଙ୍କ ମନ୍ଦିର ପରିସରରେ ଶୁକ୍ରବାର ଜୟଦେବ ଓକିଲ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଭୂତି ଭୂଷଣ ମର୍ଦ୍ଦରାଜରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ତାପସ ଦାସ, ଚିତ୍ତରଞ୍ଜନ ରାୟ, ଉପେନ୍ଦ୍ର ନାରାୟଣ ସାମନ୍ତରାୟ, ରାଜ ନାରାୟଣ ମହାନ୍ତି, ଦିଲୀପ କୁମାର ଓଝା ଓ ତ୍ରୈଲୋକ୍ୟ ମଙ୍ଗରାଜଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଓକିଲ ଯୋଗଦେଇଥିଲେ। ବୈଠକରେ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଏକତା ଓ ଭାଇଚାରାକୁ ବଜାୟ ରଖିବା ଉପରେ ମତପ୍ରକାଶ ପାଇଥିଲା। ଏଥିସହିତ ଭୁବନେଶ୍ୱରକୁ ଏକ ଜିଲାର ମାନ୍ୟତା ଦାବି, ବାଲକାଟୀ ଓ ବନମାଳୀପୁର ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଗ୍ରୀଷ୍ମକାଳୀନ ଅବକାଶ ଅବସରରେ ସଂଘ ପକ୍ଷରୁ ଦହିପଖାଳର ଆୟୋଜନ କରାଯାଇଥିଲା। ଏହି ଅବସରରେ ସଂଘର ସଭ୍ୟ ଥିବା ବାଲିଅନ୍ତା ପଞ୍ଚାୟତର ସରପଞ୍ଚ କୃଷ୍ଣକେଶବ ଆପର୍ଟଙ୍କୁ ବୈଠକରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ବିନୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ମଶାଧୂଆଁ ଦେବା ଆରମ୍ଭ କଲା ବିଏମ୍‌ସି

ଭୁବନେଶ୍ୱର, ୧୦।୬ (ବ୍ୟୁରୋ)- ଡେଙ୍ଗୁ ସମସ୍ୟାର ମୁକାବିଲା ପାଇଁ ଶୁକ୍ରବାର ଠାରୁ ମଶାଧୂଆଁ ଦେବା ଆରମ୍ଭ କରିଛି ବିଏମ୍‌ସି। ପ୍ରାରମ୍ଭିକ ଭାବେ ୱାର୍ଡ ନଂ ୧,୨ ଏବଂ ୩ରେ ମଶାଧୂଆଁ ଦିଆଯାଇଛି। ଏହା ସହିତ ବିଭିନ୍ନ ଅଞ୍ଚଳରେ ଡେଙ୍ଗୁ ମଶାର ଉତ୍ସ ଚିହ୍ନଟ ଓ ନଷ୍ଟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ସନ୍ଦିଗ୍ଧ ରୋଗୀଙ୍କ ନମୂନା ପରୀକ୍ଷା ଏବଂ ପ୍ରତିଷେଧକ ବ୍ୟବସ୍ଥା ପାଇଁ ସଚେତନ କରାଯାଇଛି। ଏଥିସହିତ ଲୋକମାନଙ୍କୁ ସଚେତନ ରହିବା ପାଇଁ ପରାମର୍ଶ ଦିଆଯାଇଛି। ନିଜ ଘରେ ବା ଆଖପାଖ ଅଞ୍ଚଳକୁ ପରିଷ୍କାର ରଖିବା, ପାଣିକୁଣ୍ଡ, ଖାଲି ବୋତଲ, ପଇଡ଼ ଖୋଳ, ପୁରୁଣା ଟାୟାର ଆଦିରେ ଯେପରି ପାଣି ଜମି ନ ରୁହେ ସେଥିପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି।

### 'ମହାପ୍ରଭୁଙ୍କ ସେବା ମଣି କାର୍ଯ୍ୟ କରନ୍ତୁ ସ୍ୱେଚ୍ଛାସେବୀ'

ପୁରୀ ଅଫିସ, ୧୦।୬: ଚଳିତ ବର୍ଷ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କ ସହଯୋଗ ଲୋଡ଼ିଛି ଜିଲା ପ୍ରଶାସନ। ଏ ନେଇ ଶୁକ୍ରବାର ସଦଭାବନା ସଭାଗୃହରେ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକର କର୍ମକର୍ତ୍ତାଙ୍କ ସହ ପ୍ରଶାସନର ଏକ ବୈଠକ କରିଛି। ଏଥିରେ ଅତିରିକ୍ତ ଜିଲାପାଳ (ସ୍ୱତନ୍ତ୍ର ଭୂଅର୍ଜନ) କୈଳାସ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଯୋଗଦେଇ ସ୍ୱେଚ୍ଛାସେବୀମାନେ ସେମାନଙ୍କ ଦକ୍ଷତା ଅନୁସାରେ ସେବା କାର୍ଯ୍ୟରେ ବ୍ରତୀ ହେବାକୁ ଅନୁରୋଧ କରିଥିଲେ। ପ୍ରତ୍ୟେକ ସ୍ୱେଚ୍ଛାସେବୀ ସଂସ୍ଥା ସମସ୍ତ ସେବାକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ପ୍ରାୟ ମଣି କାର୍ଯ୍ୟ କରିବେ ବୋଲି ମତ ଦେଇଥିଲେ। ଏହି ବୈଠକରେ ଉପଜିଲାପାଳ ଭବତାରଣ ସାହୁ, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ଘୋଷ, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ ବେହେରା, ଡେପୁଟି କଲେକ୍ଟର ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନିୟମ ଭାଙ୍ଗୁଛି କମିଶନରେଟ ପୋଲିସ

## ରଙ୍ଗ୍ ରୁଟ୍‌ରେ ଯାଉଛି ପିସିଆର୍
## ୨ବର୍ଷ ହେଲା ଇନ୍‌ସ୍ୟୁରାନ୍ସ ନାହିଁ



ଭୁବନେଶ୍ୱର, ୧୦।୬(ବ୍ୟୁରୋ): ଟ୍ରାଫିକ ନିୟମକୁ କଡ଼ାକଡ଼ି ପାଳନ କରିବା ସହ ସଡ଼କ ଦୁର୍ଘଟଣା ରୋକିବା ଏବଂ ଅସାବଧାନତା ଭାବେ ଗାଡ଼ି ଚଳାଉଥିବା ଚାଳକଙ୍କୁ କମିଶନରେଟ ପୋଲିସ ଧରୁଛି। ରାଜଧାନୀ ସମେତ ରାଜ୍ୟର ବହୁ ସ୍ଥାନରେ ଟ୍ରାଫିକ ପୋଲିସ ଏବଂ ସ୍ଥାନୀୟ ଥାନା ଅଧିକାରୀମାନେ ହେଲ୍‌ମେଟ୍‌ଠାରୁ ଆରମ୍ଭକରି ରଙ୍ଗ୍ ରୁଟ୍‌ରେ ଗାଡ଼ି ଚଳାଉଥିବା, ଦ୍ରୁତଗତିରେ ଯାଉଥିବା ଏବଂ ଗାଡି କାଗଜପତ୍ର ଆଦିର ଯାଞ୍ଚ କରି ହଜାର ହଜାର ଟଙ୍କାର ଫାଇନ ସାଧାରଣ ଲୋକଙ୍କଠାରୁ ଆଦାୟ କରୁଛନ୍ତି। ହେଲେ ଖୋଦ୍ ପୋଲିସ ଅଧିକାରୀମାନେ ଟ୍ରାଫିକ ନିୟମର ଖୋଲା ଉଲ୍ଲଂଘନ କରୁଛନ୍ତି। ଯେଉଁଠି ପ୍ରତିଦିନ କମିଶନରେଟ ପୋଲିସ ପକ୍ଷରୁ ସାଧାରଣ ଲୋକଙ୍କ ଠାରୁ ଟ୍ରାଫିକ ନିୟମ ଉଲ୍ଲଂଘନ କଲେ ଫାଇନ ଆଦାୟ କରାଯାଏ। କିନ୍ତୁ ଶୁକ୍ରବାର କମିଶନରେଟ ପୋଲିସର ଅମାନିଆ ଆଚରଣ ଦେଖିବାକୁ ମିଳିଛି।

ବମିଖାଲ ଓଭର ବ୍ରିଜ୍ ଉପରେ ଗତ କେତେଦିନ ହେବ କଡ଼ାକଡ଼ି ଭାବେ ହେଲ୍‌ମେଟ୍ ଏବଂ ରଙ୍ଗ୍ ରୁଟ୍‌ରେ ଯାଉଥିବା ଗାଡି ଚାଳକଙ୍କଠାରୁ ହଜାର ହଜାର ଟଙ୍କାର ଫାଇନ ଆଦାୟ କରାଯାଉଛି। କାରଣ ଏହି ଓଭରବ୍ରିଜ୍ ଉପରେ ମହର୍ଷି କଲେଜ ଆଡୁ ଆସିବା ବେଳକୁ କେବଳ ରସୁଲଗଡ଼ ଆଡକୁ ଯାଇହେବ। ବମିଖାଲ ଆଡୁ ଆସିଲେ ମହର୍ଷି କଲେଜ ଆଡ଼କୁ ଯାଇହେବ। ଯଦି ଏଥିରେ ବ୍ୟତିକ୍ରମ ହୁଏ ତେବେ ଟ୍ରାଫିକ ପୋଲିସ ପକ୍ଷରୁ ସରକାରଙ୍କ ନିୟମ ଅନୁଯାୟୀ ଫାଇନ ଆଦାୟ କରାଯାଉଛି। ହେଲେ ଶୁକ୍ରବାର ସମାନ ସ୍ଥାନରେ ହଠାତ୍ କମିଶନରେଟ ପୋଲିସର ପିସିଆର-୪, ନମ୍ବର ଓଡି ୦୨ବିଇ ୭୬୩୦ ଗାଡିଟି ହଠାତ୍ ରଙ୍ଗ୍ ରୁଟ୍‌ରେ ଯାଉଥିବା ଦେଖିବାକୁ ମିଳିଛି। ଉକ୍ତ ଓଭରବ୍ରିଜଟି ଛୋଟ ଥିବାରୁ ହିଁ ସେହି ରାସ୍ତାରେ ଯେଉଁଆଡ଼େ ଆସିବ ଗୋଟିଏ ଦିଗକୁ ଯିବା ଲାଗି କମିଶନରେଟ ପୋଲିସ ଦୈନିକ ସାଧାରଣ ଲୋକଙ୍କୁ ତାଗିଦ କରୁଛି। ହେଲେ ସେହି ପିସିଆର୍-୪ କିନ୍ତୁ ପୂରା ନିୟମର ଉଲ୍ଲଂଘନ କରିଥିବାର ଦେଖିବାକୁ ମିଳିଛି। ସିଧା ଗାଡ଼ିକୁ ରଙ୍ଗ୍ ରୁଟ୍‌ରେ ବୁଲାଇ ନିୟମର ଖୋଲା ଉଲ୍ଲଂଘନ କରିଛି। ହେଲେ ଏଥିରେ ବସିଥିବା ପୋଲିସ କର୍ମଚାରୀଙ୍କ ଏଭଳି ଆଚରଣ ଦେଖି ସାଧାରଣ ଲୋକମାନେ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଯଦି ସାଧାରଣ ଲୋକମାନଙ୍କ ଲାଗି ଟ୍ରାଫିକ ନିୟମ ଲାଗୁ ହେଉଛି ତେବେ ଯେଉଁମାନେ ଏହାକୁ ପରିଚାଳନା କରିବାର ଦାୟିତ୍ୱ ନେଉଛନ୍ତି ସେମାନେ କିପରି ଏହାକୁ ମାନୁ ନାହାନ୍ତି ତାହା ସବୁଠାରୁ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ସେତିକି ନୁହେଁ, ଉକ୍ତ ପିସିଆର୍-୪ର ଇନ୍‌ସ୍ୟୁରାନ୍ସ ମଧ୍ୟ ନାହିଁ। ଏହା ପୁଣି ୧୯ ଅଗଷ୍ଟ ୨୦୨୦ରୁ ଶେଷ ହୋଇଯାଇଥିବା ପରିବହନ ପୋର୍ଟାଲରେ ଗାଡ଼ି ନମ୍ବର ଯାଞ୍ଚ କରିବା ପରେ ଜଣାପଡିଛି। ତେବେ ଯେଉଁ ଅଧିକାରୀ ଏହାର ଦାୟିତ୍ୱରେ ଅଛନ୍ତି ସେମାନେ କିପରି ଏହାର ତଦନ୍ତ ଠିକ୍ ଭାବେ କରୁନାହାନ୍ତି । ତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଲାଣି। ଅର୍ଥାତ୍ ଦୀର୍ଘ ପାଖାପାଖି ୨ ବର୍ଷ ହେଲା ଇନ୍‌ସ୍ୟୁରାନ୍ସ ନ ଥିବା ଏହି ଗାଡ଼ିକୁ କିଭଳି ଏବଂ କେଉଁ ପରିସ୍ଥିତିରେ କମିଶନରେଟ ପୋଲିସ ତଦନ୍ତ ନ କରି ଚଳାଉଛି ତାହା ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଏନେଇ ଟ୍ରାଫିକ ଡିସିପି ଏବଂ ଏସିପିଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିବା ବେଳେ ତାଙ୍କ ଫୋନ ବନ୍ଦ ଥିଲା। ତେଣୁ ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଘଟଣାର ଯାଞ୍ଚ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

# ରଥଯାତ୍ରା ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୬(ବ୍ୟୁରୋ)

ଚଳିତ ବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବରେ ସମ୍ପାଦନ କରିବା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ତଥା କର୍ମଚାରୀମାନେ ନିଷ୍ଠାପର ଭାବରେ ନିଜର ଦାୟିତ୍ୱ ସମ୍ପନ୍ନ କରିବାକୁ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ପୂର୍ବାହ୍ନରେ ମନ୍ତ୍ରୀ ରଥଯାତ୍ରା ଉପଲକ୍ଷେ ବିଭାଗ ପକ୍ଷରୁ ନିର୍ଦ୍ଧାରିତ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଶୃଙ୍ଖଳିତ ଓ ସରସସୁନ୍ଦର କରିବାରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଦାୟିତ୍ୱଗୁଡ଼ିକ ବାବଦରେ ସଚେତନ ହୋଇ ସଫଳ ସମ୍ପାଦନରେ ଅଧିକାରୀ ତଥା କର୍ମଚାରୀମାନେ ପ୍ରତିବଦ୍ଧ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରଥଯାତ୍ରାର ବିଶ୍ୱ ପ୍ରସିଦ୍ଧିକୁ ଦୃଷ୍ଟିରେ ରଖି ପ୍ରଚାର, ବିଜ୍ଞାପନ ଓ ପ୍ରଦର୍ଶନୀ ଇତ୍ୟାଦି ନେଇ ବିଶେଷ ଗୁରୁତ୍ୱ ଦେବାକୁ ମନ୍ତ୍ରୀ କହିଥିଲେ। ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସମୀକ୍ଷା ବୈଠକରେ ଯୋଗଦେଇ ସାମାଜିକ ଗଣମାଧ୍ୟମରେ ବିଭାଗୀୟ କାର୍ଯ୍ୟକ୍ରମଗୁଡ଼ିକର ବ୍ୟାପକ ପ୍ରସାର ପାଇଁ ପରାମର୍ଶ ଦେବା ସହିତ ଶ୍ରୀଜଗନ୍ନାଥଙ୍କ ମହିମା ସମ୍ବଳିତ ବିଭିନ୍ନ କିମ୍ବଦନ୍ତୀ, ଲୋକକଥା, ତଥ୍ୟର ପ୍ରଚାର ଉପରେ ବିଭାଗ ଗୁରୁତ୍ୱ ଦେବ ବୋଲି ଉଲ୍ଲେଖ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ବିଭାଗ ତରଫରୁ ହେବାକୁ ଥିବା କାର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ। ଦୂରଦର୍ଶନ ଜରିଆରେ ସିଧା ପ୍ରସାରଣ, ଅନ୍ୟାନ୍ୟ ବୈଦ୍ୟୁତିକ ଗଣମାଧ୍ୟମକୁ ଲାଇଭ୍ କମନ୍ ଫିଡ୍ ଯୋଗାଣ, ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ, ଖବରଦାତାମାନଙ୍କ ଗସ୍ତ, ସମ୍ମାନନୀୟ ଅତିଥିମାନଙ୍କ ପରିଚୟ, ବିଭିନ୍ନ ପ୍ରକାଶନର ରଥଯାତ୍ରା ବିଶେଷାଙ୍କ ବିକ୍ରୟ, ଫଟୋଚିତ୍ର ପ୍ରଦର୍ଶନୀ, ବିଜ୍ଞାପନ ପ୍ରସାରଣ ସହିତ ହୋର୍ଡିଂ ବ୍ୟବସ୍ଥା ଇତ୍ୟାଦି ପ୍ରସଙ୍ଗ ଉପରେ ନିର୍ଦ୍ଦେଶକ ତ୍ରିପାଠୀ ଅବଗତ କରାଇଥିବା ବେଳେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଲେନିନ୍ ମହାନ୍ତି ରଥଯାତ୍ରା ଦିନ ଉଭୟ ପତ୍ରିକାର ବିଶେଷାଙ୍କ ସଂଖ୍ୟା ଲୋକାର୍ପିତ ହେବ ବୋଲି ଉଲ୍ଲେଖ କରିଥିଲେ।

ଏହି ସମୀକ୍ଷା ବୈଠକରେ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଯୁଗ୍ମ ସଚିବ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କ ସମେତ ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ, କ୍ଷେତ୍ରୀୟ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ। ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।





'ବାଣୀଚିତ୍ର'ର ବାର୍ଷିକ ଉତ୍ସବ ଓ ପରୀକ୍ଷିତ ଜେନାଙ୍କ ଶ୍ରାଦ୍ଧ ଉତ୍ସବରେ ଅଭିନେତା ପ୍ରଶାନ୍ତ ନନ୍ଦଙ୍କ ଅନୁପସ୍ଥିତିରେ ତାଙ୍କ ଭାଇ ଶ୍ରୀକାନ୍ତ ଗୌତମ ଅତିଥିଙ୍କଠାରୁ 'ପରୀକ୍ଷିତ ଜେନା ସ୍ମୃତି ସମ୍ମାନ'ଗ୍ରହଣ କରୁଛନ୍ତି।

# ପ୍ରଶାନ୍ତ ନନ୍ଦଙ୍କୁ ପରୀକ୍ଷିତ ଜେନା ସ୍ମୃତି ସମ୍ମାନ

ଭୁବନେଶ୍ୱର,୧୦।୬(ବ୍ୟୁରୋ)

## ପରୀକ୍ଷିତ ଜେନାଙ୍କ ଶ୍ରାଦ୍ଧୋତ୍ସବରେ ସ୍ମରଣିକା ଉନ୍ମୋଚିତ

ଓଡ଼ିଆ ଚଳଚ୍ଚିତ୍ର, ନାୟକ, କଳା ସଂସ୍କୃତି, ସାହିତ୍ୟ, ସଙ୍ଗୀତ, ଯାତ୍ରା, ଚିତ୍ରକଳାକୁ ନେଇ ପ୍ରଥମ ପତ୍ରିକା 'ବାଣୀଚିତ୍ର'ର ୫୪ବର୍ଷ ପୂର୍ତ୍ତି ବାର୍ଷିକ ଉତ୍ସବ ଓ ଦିବଙ୍ଗତ ସମ୍ପାଦକ ପରୀକ୍ଷିତ ଜେନାଙ୍କ ପ୍ରଥମ ଶ୍ରାଦ୍ଧ ଉତ୍ସବ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଘଡ଼େଇ, ବିଧାୟକ ପ୍ରଫୁଲ୍ଲ ସାମଲ, କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ, ପ୍ରଯୋଜକ ଅକ୍ଷୟ ପରିଜା, ରାଜ୍ୟ ସଭା ସଦସ୍ୟ ମୁନା ଖାଁ ଓ ପି.ପି. ଏଲ୍ କର୍ପୋରେଟ ବ୍ୟାପାର ଅଧିକାରୀ ସୁଧୀର ମିଶ୍ର, ସମ୍ପାଦକ ଭାସ୍କର ଜେନା ଉପସ୍ଥିତ ଥିଲେ। ଗାୟକ ପଟ୍ଟନାୟକ ସମ୍ପ୍ରତି ଚଳଚ୍ଚିତ୍ରର ଅବସ୍ଥା ସମ୍ପର୍କରେ କହିବା ସହ ବର୍ଷୀୟାନ କଳାକାର ଓ ଚଳଚ୍ଚିତ୍ର ଉପରେ ଗବେଷଣା ହେଉ ବୋଲି ପ୍ରସ୍ତାବ ରଖିଥିଲେ। ସ୍ୱର୍ଗତ ଜେନାଙ୍କ ସ୍ମୃତିରେ ସ୍ମରଣିକା 'ସ୍ମୃତିରେ ସ୍ମୃତିରେ ପରୀକ୍ଷିତ' ଉନ୍ମୋଚିତ ହୋଇଥିଲା। ଉତ୍ସବରେ ପ୍ରଥମଥର ପାଇଁ ପରୀକ୍ଷିତ ଜେନା ସ୍ମୃତି ପୁରସ୍କାର ଆୟୋଜନ କରାଯାଇଥିଲା। ଚଳିତବର୍ଷ ଏହି ସମ୍ମାନ ଅଭିନେତା ପ୍ରଶାନ୍ତ ନନ୍ଦଙ୍କୁ ଦିଆଯାଇଥିଲା। ହେଲେ ତାଙ୍କ ଅନୁପସ୍ଥିତିରେ ଭାଇ ଅଭିନେତା ତଥା ସଙ୍ଗୀତଜ୍ଞ ଶ୍ରୀକାନ୍ତ ଗୌତମ ତାହାକୁ ଅତିଥିଙ୍କଠାରୁ ଗ୍ରହଣ କରିଥିଲେ। ସେହିପରି ଚଳଚ୍ଚିତ୍ର ସହ ଜଡ଼ିତ ଥିବା ବିଭିନ୍ନ କଳାକାର, ସମାଜସେବୀ, କବି, ଖବରଦାତାଙ୍କୁ ପୁରସ୍କୃତ କରାଯାଇଥିଲା। ଚଳଚ୍ଚିତ୍ର ଖବରଦାତା ଗୌରୀ ଶଙ୍କର ପଣ୍ଡା, ଅଭିନେତା ପ୍ରେମାଞ୍ଜନ ପରିଡ଼ା, ଶ୍ରୀତମ ଦାସ, ଆକାଶ ଦାସ ନାୟକ, ସବ୍ୟସାଚୀ ମିଶ୍ର, ବାପୁ ଲେଙ୍କା, ରାଇମୋହନ ପରିଡ଼ା, ସନୋଜ ବେହେରା, ସୁଭାଶିଷ ଶର୍ମା, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଏଲି ପାଢୀ, ପ୍ରଯୋଜକ ଅକ୍ଷୟ ପରିଜା, ଲକ୍ଷ୍ମୀ ନାରାୟଣ ଅଗ୍ରୱାଲ, ସଞ୍ଜୟ ନାୟକ, କଣ୍ଠଶିଳ୍ପୀ ସ୍ୱୟଂ ପାଢୀ, ପବିତ୍ର ପଟ୍ଟନାୟକ, ପ୍ରଶାନ୍ତ ପାଢୀ, ସାମାଜିକ କର୍ମୀ ବନ୍ଦନା ପଣ୍ଡା, ସୁରେନ୍ଦ୍ର ସାହୁ, ପଞ୍ଚାନନ ଦାସ, ଅନୁବାଦିକା ଶାରଦା ରଥ, ସଂଳାପ ଲେଖକ ରଜନୀରଞ୍ଜନ, କବି ଡ. ଅସୀମା ସାହୁ, ଉମେଶ ଚନ୍ଦ୍ର ଖିଲାର, ନିର୍ଦ୍ଦେଶକ ପବିତ୍ର ମହାନ୍ତି, ସମ୍ବାଦ ସଂଯୋଜକ ରବି ସ୍ୱାଇଁ (ମରଣୋତ୍ତର) ଭାବେ ୫୪ତମ ବାଣୀଚିତ୍ର ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିନେ କଳାକାର, ସିନେ ପ୍ରେମୀ, ଖବରଦାତା ଉପସ୍ଥିତ ଥିଲେ।

# ଜାତୀୟସ୍ତରୀୟ ଜ୍ୟୋତିଷଶାସ୍ତ୍ର କର୍ମଶାଳା

ଭୁବନେଶ୍ୱର,୧୦।୬(ବ୍ୟୁରୋ)

ଜାତୀୟ ସ୍ତରରେ ପ୍ରଥମଥର ପାଇଁ ଜ୍ୟୋତିଷଶାସ୍ତ୍ର କର୍ମଶାଳା ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥିଭାବେ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ହରିହର ହୋତା, ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗର ପ୍ରଫେସର ସୁବାସଚନ୍ଦ୍ର ଦାସ ଯୋଗଦେଇଥିଲେ। ଜ୍ୟୋତିଷଶାସ୍ତ୍ର ସହ ବିଜ୍ଞାନର କିଭଳି ସମ୍ପର୍କ ଅଛି ଏବଂ ପ୍ରତିଟି ମୁହୂର୍ତ୍ତରେ ମାନବ ଜାତି ଏହା ଉପରେ କିଭଳି ନିର୍ଭରଶୀଳ ସେନେଇ ଆଲୋଚନା ହୋଇଥିଲା। ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ଗ୍ରହ, ନକ୍ଷତ୍ରର ପ୍ରଭାବ, ସେ ବିଷୟରେ ସମସ୍ତେ କିପରି ଜ୍ଞାନପ୍ରାପ୍ତ ହେବେ, ରାଜ୍ୟର ପ୍ରତି କୋଣରେ ଜ୍ୟୋତିଷ ବିଦ୍ୟା ଉପରେ ସମସ୍ତଙ୍କର କିଭଳି ଜ୍ଞାନ ଆହୋରଣ ହେବ ଓ ସମସ୍ତଙ୍କ ଦୃଷ୍ଟି ଜ୍ୟୋତିଷଶାସ୍ତ୍ର ଉପରେ ରହିବ ଏ ସଂକ୍ରାନ୍ତରେ ବିଶେଷ ଆଲୋଚନା କରାଯାଇଥିଲା। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଖଗେଶ୍ୱର ମିଶ୍ର ବକ୍ତା ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋରଖପୁର ଶାଖାଦୀପ ସଂଗଠନ ମନ୍ତ୍ରୀ ଅନନ୍ତ ମିଶ୍ର ଓ ଆବାହକ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ଜ୍ୟୋତିଷ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଚିତ୍ତରଞ୍ଜନ ନାୟକ ଉପସ୍ଥିତ ରହି ଜ୍ୟୋତିଷ ଜ୍ଞାନ ଉପରେ ଆଲୋକପାତ କରିଥିଲେ। ଜମ୍ମୁ କଶ୍ମୀର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଭାତ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତା କରିଥିଲେ।

# ଝିଅ ଜନ୍ମଦେବାରୁ ସ୍ତ୍ରୀଙ୍କୁ ହତ୍ୟା କରିଥିବା ମାନିଲେ

ଭୁବନେଶ୍ୱର, ୧୦।୬(ବ୍ୟୁରୋ)

- କାଳ ରାତିର ଲୋମ ଟାଙ୍କୁରା କଥା ବଖାଣିଲେ
- ଜେଲ୍ ଗଲେ ଅଭିଯୁକ୍ତ ସ୍ୱାମୀ ସଞ୍ଜିତ



ଭରତପୁର ଥାନା ଅନ୍ତର୍ଗତ ଘାଟିକିଆରେ ସ୍ତ୍ରୀଙ୍କୁ ଛୁରି ଭୁସି ବୀଭତ୍ସ ହତ୍ୟା ମାମଲାରେ ଅଭିଯୁକ୍ତ ସ୍ୱାମୀ ବଙ୍କୁ ଓରଫ ସଞ୍ଜିତ ଦାଶଙ୍କୁ ପୋଲିସ ଗୁରୁବାର ଗିରଫ କରି ପଚରାଉଚରା ଚଳାଇଥିଲା। ସେହି କାଳ ରାତିରେ କାହିଁକି ଓ କିପରି ତାଙ୍କ ସ୍ତ୍ରୀ ସରସ୍ୱତୀଙ୍କୁ ହତ୍ୟା କରିବା ସହ ଝିଅ ପରୀକୁ ହତ୍ୟା ଉଦ୍ୟମ କରିଥିଲେ ତାହାର ଲୋମ ଟାଙ୍କୁରା କଥା ବଖାଣିଥିଲେ। କେବଳ ନିଶା ନୁହେଁ, ଦ୍ୱିତୀୟଥର ଝିଅ ଜନ୍ମ ଦେବାରୁ ସ୍ତ୍ରୀ ସରସ୍ୱତୀଙ୍କୁ ହତ୍ୟା କରିଥିବା ସେ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଅପରପକ୍ଷେ ମୃତା ସରସ୍ୱତୀଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୨୩୭/୨୨) ରୁଜୁ କରି ଅଭିଯୁକ୍ତ ସଞ୍ଜିତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ବୁଧବାର ସରସ୍ୱତୀ ନିଜର ନବଜାତ ଶିଶୁକନ୍ୟା ସହ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇ ଆସିଥିଲେ। ରାତି ପ୍ରାୟ ୧୨ଟା ସମୟରେ ସ୍ୱାମୀ ସଞ୍ଜିତ ନିଶାସକ୍ତ ହୋଇ ଘରକୁ ଆସିଥିଲେ। ସଞ୍ଜିତ ଅଧିକ ନିଶାସକ୍ତ ଥିବାରୁ ସ୍ତ୍ରୀ ସରସ୍ୱତୀ ତାଙ୍କୁ ଶୋଇପଡ଼ିବାକୁ କହିଥିଲେ। ବାସ ଏତିକି କଥାରେ ଉତ୍ତ୍ୟକ୍ତ ହୋଇ ପଡ଼ିଥିଲେ ସଞ୍ଜିତ। ସବୁଦିନ ପରି ସରସ୍ୱତୀଙ୍କ ଉପରେ ଅକଥନୀୟ ଅତ୍ୟାଚାର ଆରମ୍ଭ କରି ଦେଇଥିଲେ। ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏଭଳି ଗଣ୍ଡଗୋଳ ଲାଗି ରହିଥିଲା। ପରେ ମୋର ପୁଅ ଦରକାର ଥିଲା, ତୁ ଝିଅ ଜନ୍ମ ଦେଲୁ ବୋଲି କହି ସଞ୍ଜିତ ରୋଷେଇ ଘରୁ ଏକ ଛୁରି ଆଣି ସରସ୍ୱତୀଙ୍କୁ ଆକ୍ରମଣ ପରେ ଆକ୍ରମଣ କରି ଚାଲିଥିଲା। ଫଳରେ ଭୋର୍ ପ୍ରାୟ ୪ଟାବେଳେ ସରସ୍ୱତୀଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ସଞ୍ଜିତ ଘର ଚାରିପଟେ ବୁଲାବୁଲି କରିଥିଲେ। ସକାଳ ପ୍ରାୟ ୮ଟାବେଳେ ଝିଅ ପରୀ ନିଦରୁ ଉଠି ମା'କୁ ଖୋଜିବାରୁ ସଞ୍ଜିତ ତାଙ୍କୁ ମଧ୍ୟ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିଲେ। ଉକ୍ତ ଛୁରିରେ ଆକ୍ରମଣ କରିବା ସହ ବେକ କାଟିବାକୁ ଚେଷ୍ଟା କରିଥିଲେ। ଫଳରେ ଝିଅ ପରୀ ଚିତ୍କାର କରିବା ସହ ତାଙ୍କ ବେକରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏହା ଦେଖି ସଞ୍ଜିତ ଘର ଛାଡ଼ି ବାହାରକୁ ପଳାଇ ଆସିଥିଲା। ପରେ ତଳ ମହଲାରେ ସାନ ଭାଇଙ୍କ ଘରେ ରହୁଥିବା ମା' କନକଲତାଙ୍କୁ ଘଟଣା ସମ୍ପର୍କରେ କହି ଘର ଛାଡ଼ି ଫେରାର ହେବାକୁ ଉଦ୍ୟମ କରିଥିଲା। ପରିବାର ଲୋକଙ୍କଠାରୁ ଖବରପାଇ ପୋଲିସ ପହଞ୍ଚି ଅଭିଯୁକ୍ତ ସଞ୍ଜିତଙ୍କୁ ଗିରଫ କରିଥିଲା।

## ରଥଖଳାରୁ

### ଧାର୍ଯ୍ୟ ସମୟ ପୂର୍ବରୁ ଉଠିଲା ଚାରି ନାହାକା

ପୁରୀ ଅଫିସ, ୧୦।୬:

ଶ୍ରୀନଅରସ୍ଥିତ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ରଥ ସଂହିତା ଅନୁଯାୟୀ, ପବିତ୍ର ସ୍ନାନପୂର୍ଣ୍ଣିମା ତିଥିରେ ତିନିରଥର ନାହାକା ଉଠିଥାଏ ଏବଂ ଭୋଇ ସେବକମାନେ ପରମ୍ପରା ଅନୁଯାୟୀ ତୃତୀୟ ହରିବୋଲ ପକାଇଥାନ୍ତି। ତେବେ ଚଳିତ ବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ଶୁକ୍ରବାର ତିନି ରଥର ଚାରି ନାହାକା ଉଠିଛି। ଗୁରୁବାର ତିନି ରଥର ଦୁଇଟି ଲେଖାଏ ଗରଗରା ପଡ଼ି ୨ଟି ଲେଖାଏ ପୋଲ ଗୟଲ ଫିଟିଂ ହୋଇଥିଲା। ଶୁକ୍ରବାର ତିନିରଥର ପଞ୍ଚଦଣ୍ଡାରେ ସେଟିଂ ହୋଇଥିବା ଗରଗରା ଉପରେ ଚାରିନାହାକା ଉଠିବା ପାଇଁ ମୁଖ୍ୟ ମହାରଣାମାନେ ନଡ଼ିଆ ବାଡେଇ ଅନୁକୂଳ ପୂଜା ପୂର୍ବକ ଭୋଇ ସେବକଙ୍କ ଦ୍ୱାରା ଚାରି ନାହାକାକୁ ଗରଗରା ବିନ୍ଧରେ ସଂଯୋଗ କରାଯାଇଥିଲା। ପରେ ଭୋଇ ସେବକମାନଙ୍କ ଦ୍ୱାରା ତିନି ରଥର ଚାରି ନାହାକା ଉଠିଥିଲା। ପରମ୍ପରା ଅନୁଯାୟୀ, ଭୋଇ ସେବକମାନେ ହରିବୋଲ ପକାଇଥିଲେ। ଏତତ୍‌ବ୍ୟତୀତ ମହାରଣା ସେବକ ଓ ଭୋଇସେବକ ମିଶି ପାର୍ଶ୍ୱ ଦଣ୍ଡାରେ ତିନୋଟି ଲେଖାଏ ଜଳଯନ୍ତ୍ର ଏବଂ ଦୁଇଟି ଲେଖାଏ କୋଣଗୁଜ ଖଞ୍ଜି ପାର୍ଶ୍ୱ ଗୟଳ ପକାଇଛନ୍ତି। ଏତଦ୍‌ବ୍ୟତୀତ ନନ୍ଦିଘୋଷ ଓ ଦେବଦଳନ ରଥର ବେଦୀ ପାଇଁ ୫ଟି ଜଗତ ପୃଷ୍ଠ ଶେଣୀର ଚଉପଟ କାର୍ଯ୍ୟ ଶେଷ ହୋଇଛି। ସେହିପରି ତାଳଧ୍ୱଜ ରଥର ୩ଟି ଜଗତ ପୃଷ୍ଠ ଶ୍ରେଣୀର ଚଉପଟ କାମ ସରିଛି। ରୂପକାର ସେବକମାନେ ତିନିରଥର ସିଂହାସନରେ କୁମ୍ଭ, ଡାଳି ଲତା ଓ ପଦ୍ମ ପାଖୁଡ଼ା ଖୋଦେଇ ସହ ନାଟଗୋଡ଼ରେ ଗନ୍ଧର୍ବ ବା ରାହୁ ରୂପ ଖୋଦେଇ ଜାରି ରଖିଛନ୍ତି। କମାର ସେବକମାନେ ଦୋଳବେଦିସ୍ଥିତ କମାରଶାଳାରେ ଭୂଇଁ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# ଡ୍ରେନେଜ୍, ଜବରଦଖଲ, ଭତ୍ତା ଉପରେ ଫୋକସ୍

ଭୁବନେଶ୍ୱର, ୧୦।୬ (ବ୍ୟୁରୋ)





## ବିଏମ୍‌ସିର ପ୍ରଥମ କର୍ପୋରେଶନ ବୈଠକ

- ବେଆଇନ ନିର୍ମାଣ ଜଗିବେ କର୍ପୋରେଟର
- ବିଜୁ ପଟ୍ଟନାୟକ ଓ ବିଜୟ କୁମାର ସାହୁଙ୍କ ନାମରେ ରାସ୍ତା ନାମକରଣ ପ୍ରସ୍ତାବ

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ପ୍ରଥମ କର୍ପୋରେଶନ ବୈଠକ ଶୁକ୍ରବାର ମେୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଅଢେଇ ବର୍ଷ ପରେ ବିଏମ୍‌ସି କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ ବିଶେଷକରି ଡ୍ରେନ୍ ଉପରେ ଥିବା ଜବରଦଖଲ, ଜଳବନ୍ଦୀ ସମସ୍ୟା, ଭତ୍ତା ପ୍ରଦାନ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଫୋକସ୍ ରହିଥିଲା।

ଗତାନୁଗତିକ ଭାବେ କର୍ପୋରେଟରଙ୍କ ସହ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ସଞ୍ଜୟ ସିଂହ ଓ ବିଏମ୍‌ସିର ବିଭିନ୍ନ ପଦାଧିକାରୀଙ୍କୁ ନେଇ ବୈଠକ ଆରମ୍ଭ ହୋଇଥିଲା। ଗୋଟିଏ ପରେ ଗୋଟିଏ ପ୍ରଶ୍ନ, ପ୍ରସ୍ତାବ, ଚର୍ଚ୍ଚା ଓ ହିସାବ କିତାବ ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ରାଜୀବ ଆବାସ ଯୋଜନା ଭଳି ବିଭିନ୍ନ ଯୋଜନା ଅଧୀନରେ ଘର ପାଇଥିବା ହିତାଧିକାରୀମାନେ ଅନ୍ୟ କେଉଁ ସ୍ଥାନରେ ଜବରଦଖଲ କରିଛନ୍ତି କି ନାହିଁ ତାହା ଯାଞ୍ଚ କରିବାକୁ ନିଷ୍ପତ୍ତି ନିଆଯାଇଛି। ସହରରେ ବେଆଇନ ନିର୍ମାଣ ଉପରେ କର୍ପୋରେଟରମାନେ ନିଜ ନିଜ ୱାର୍ଡ଼ରେ ନଜର ରଖିବା ପାଇଁ ମେୟର ପରାମର୍ଶ ଦେଇଛନ୍ତି। ଘାଟିକିଆ-ଇନଫୋସିଟି ରାସ୍ତାକୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ପୂର୍ବତନ ସଭାପତି ତଥା ସାଇ ଇଣ୍ଟରନ୍ୟାଶନାଲ ଏଜୁକେଶନ ଗ୍ରୁପ୍‌ର ପ୍ରତିଷ୍ଠାତା ସ୍ୱର୍ଗତ ବିଜୟ କୁମାର ସାହୁଙ୍କ ନାମରେ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହାସହ ଏୟାରପୋର୍ଟ ଛକରୁ ଫରେଷ୍ଟ ପାର୍କ ଛକ ପର୍ଯ୍ୟନ୍ତ ରାସ୍ତାକୁ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ କରିବାକୁ କର୍ପୋରେଟର ଅମରେଶ ଜେନା ପ୍ରସ୍ତାବ ଦେଇଥିଲେ। ଏହି ଦୁଇ ପ୍ରସ୍ତାବକୁ ପୂର୍ଣ୍ଣ ସମର୍ଥନ ମିଳିଥିଲା। ସହରରେ ଡ୍ରେନର ବିକାଶ ତଥା ପରିଚାଳନା ପାଇଁ ଆବଶ୍ୟକ ଅର୍ଥ ସରକାର ପ୍ରଦାନ କରି ଆସୁଥିବାବେଳେ ଏଥିପାଇଁ ବିଏମ୍‌ସି ଗୁରୁତ୍ୱ ଦେବା ନେଇ କମିଶନର ସିଂ ମତ ରଖିଥିଲେ। ଏଥିସହ ଜବରଦଖଲ ଓ ଡ୍ରେନ୍ ମ୍ୟାପ୍‌ରେ ଘରୋଇ ଜମି ଭଳି ପ୍ରସଙ୍ଗଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ସେ ଗୃହକୁ ଅନୁରୋଧ କରିଥିଲେ। ଏହାବାଦ୍ ହିତାଧିକାରୀମାନେ ଯେପରି ଠିକ୍ ଭାବେ ଭତ୍ତା ପାଇବେ ସେ ନେଇ ଆଲୋଚନା ହୋଇଥିଲା। ଏଥିଜନିତ ତ୍ରୁଟି ସଂଶୋଧନ ପାଇଁ କର୍ପୋରେଟର, କମ୍ୟୁନିଟି ଅର୍ଗାନାଇଜର୍ ଏବଂ ସଂପୃକ୍ତ ଅଧିକାରୀଙ୍କୁ ନେଇ ବୈଠକ କରାଯାଇ ତୁରନ୍ତ ଏହାର ସମାଧାନ ପାଇଁ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିଭଳି ପ୍ରତି ୱାର୍ଡ଼ରେ ୱାର୍ଡ଼ ଅଫିସ୍ କରାଇବା ପାଇଁ ପ୍ରସ୍ତାବ ରହିଥିଲା। କାଳିବାଡ଼ି ନିକଟ ଜବରଦଖଲକୁ ଉଚ୍ଛେଦ କରି ସେଠାରେ ବିକାଶମୂଳକ କାର୍ଯ୍ୟ କରିବା ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା। କେବଳ ଡ୍ରେନ୍ ନୁହେଁ, ରାସ୍ତା ଅବରୋଧ ପୂର୍ବକ ଜବର ଦଖଲ ଉଚ୍ଛେଦ ପାଇଁ କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ପ୍ରସ୍ତାବ ରଖିଥିଲେ। ସଫେଇ ସଂସ୍ଥାଙ୍କ କାର୍ଯ୍ୟକାଳ ୩୦ ଜୁନ୍ ପର୍ଯ୍ୟନ୍ତ ବୃଦ୍ଧି ଏବଂ ଯାନ୍ତ୍ରିକ ସଫେଇ ସଂସ୍ଥାର କାର୍ଯ୍ୟକାଳ ୨୦୨୨ ଏପ୍ରିଲ୍ ୧ରୁ ସେପ୍ଟେମ୍ବର ୩୦କୁ ବୃଦ୍ଧି ଆଦି ପ୍ରସ୍ତାବ ଦିଆଯାଇଥିଲା। ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା ଓ ବିଧାୟକ ସୁଶାନ୍ତ କୁମାର ରାଉତ ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

## ହାଇୱା ପୋଡ଼ି ଘଟଣାରେ ଜଣେ ଗିରଫ

ଡିଗିରିଆ,(ଡି.ଏନ୍.ଏ.): ଡିଗିରିଆ ଥାନା ଅନ୍ତର୍ଗତ ପଙ୍କାଳ ଗ୍ରାମରେ ଏକ ହାଇୱା ଗାଡି ପୋଡ଼ି ଘଟଣାରେ ଶୁକ୍ରବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଏରଫାନ୍ ଖାଁ। ପଙ୍କାଳ ଗ୍ରାମର ନାସର ଅହେମ୍ମଦ ଖାଁ ନିଜର ହାଇୱା ଗାଡ଼ିକୁ ଘର ପାଖ ପଡ଼ିଆରେ ରଖିଥିଲେ। ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସେଥିରେ ନିଆଁ ଲଗାଇ ଦେଇଥିଲେ। ପଡ଼ୋଶୀଙ୍କଠାରୁ ଖବରପାଇ ନାସର ଘଟଣାସ୍ଥଳକୁ ଯିବାବେଳେ ଅଭିଯୁକ୍ତ ଏରଫାନ୍ ଓ ଅନ୍ୟ ଜଣଙ୍କୁ ଦୌଡ଼ି ପଳାଇ ଯାଉଥିବା ଦେଖିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ଫେରାର ଥିବା ଅନ୍ୟତମ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୁଚିତ୍ରା ଜେନା କହିଛନ୍ତି।

## ସଂକ୍ଷେପରେ

### ରଥଯାତ୍ରା ପ୍ରସ୍ତୁତି ବୈଠକ

ଡିଗିରିଆ,୧୦।୬ (ଡି.ଏନ୍.ଏ.): ଡିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ରାଜବାଟୀସ୍ଥିତ ପ୍ରଭୁ ପ୍ରସନ୍ନମଣିଙ୍କ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡିଗିରିଆ ତହସିଲ କାର୍ଯ୍ୟାଳୟ ପରିସରରେ ମନ୍ଦିର ପରିଚାଳନା ଟ୍ରଷ୍ଟ ଅଧକ୍ଷ ତଥା ତହସିଲଦାର ପ୍ରମୋଦ କୁମାର ବାସ୍କେ ଏଥିରେ ପୌରୋହିତ୍ୟ କରିଥିଲେ। ବୈଠକରେ ଶାନ୍ତିଶୃଙ୍ଖଳାରେ ରଥଯାତ୍ରା ସମ୍ପନ୍ନକୁ ନେଇ ଆଲୋଚନା ହୋଇଥିଲା। ସ୍ନାନ ଉତ୍ସବ ଠାରୁ ଘୋଷଯାତ୍ରା ଶେଷ ପର୍ଯ୍ୟନ୍ତ ଠାକୁରଙ୍କ ନୀତି ସମ୍ବନ୍ଧରେ ସ୍ଥିର କରାଯାଇଥିଲା। ରଥଯାତ୍ରା ପାଇଁ ବଡ଼ଦାଣ୍ଡର ଦୁଇପାର୍ଶ୍ୱରେ ଥିବା କେନାଲ ସଫେଇ, ବିଦ୍ୟୁତ୍, ପାନୀୟ ଜଳ, ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ ହୋଇଥିଲା। ସ୍ନାନଯାତ୍ରା, ଶ୍ରୀଗୁଣ୍ଡିଚାଯାତ୍ରା, ବାହୁଡ଼ାଯାତ୍ରା ନିମନ୍ତେ ସେବାୟତମାନଙ୍କ କରୋନା ପରୀକ୍ଷଣ, ମାସ୍କ ପରିଧାନ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ବନ ବିଭାଗକୁ ରଥ ନିର୍ମାଣ ପାଇଁ ଆବଶ୍ୟକ କାଠ ଯୋଗାଇ ଦେବାକୁ କୁହାଯାଇଥିଲା। କାର୍ଯ୍ୟକ୍ରମ ସମ୍ପାଦନ ପାଇଁ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧିଙ୍କ ସମେତ ୭ଜଣିଆ କମିଟି ଗଠନ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ବୈଠକରେ ଲଳିତକୃଷ୍ଣ ଦାସ, ଅଭିପ୍ସା ସ୍ୱାଇଁ, ତ୍ରିଲୋଚନ ବାରିକ୍, ସଞ୍ଜୟ ସାହୁ, ଭାଗୀରଥି ନନ୍ଦ, ତୁଙ୍ଗସାମନ୍ତ, ରାଜା ଆଦିତ୍ୟ ପ୍ରସାଦ ମହାନ୍ତି ଓ ବିଜୟ ବେହେରା ଯୋଗଦେଇଥିଲେ।

### ରୋଟାରି ଜିଲା ଗଭର୍ନରଙ୍କ ଚୌଦ୍ୱାର କ୍ଲବ ପରିଦର୍ଶନ

ଚୌଦ୍ୱାର,୧୦।୬(ଡି.ଏନ୍.ଏ.): ରୋଟାରି ଜିଲା ଗଭର୍ନର ସାନ୍ତନୁ କୁମାର ପାଣି ଶୁକ୍ରବାର ଚୌଦ୍ୱାର ରୋଟାରି କ୍ଲବ ପରିଦର୍ଶନ କରିଛନ୍ତି। ଏହି ଅବସରରେ କ୍ଲବ ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ କ୍ଲବ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଗଭର୍ନର ପାଣି କ୍ଲବର ଚଳିତବର୍ଷର କାର୍ଯ୍ୟାବଳୀ ଉପରେ ସମୀକ୍ଷା କରିଥିଲେ। ଏହି ଅବସରରେ ୨୦୨୨-ଏମ୍‌ବିବିଏସ୍ ଟପ୍ପର ଡ. ରାହୁଲ ମହାନ୍ତିଙ୍କୁ ସମ୍ମାନିତ କରାଯିବା ସହିତ ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, ୧୭ନଂ ୱାର୍ଡ କାଉନ୍‌ସିଲର ଆଶୁତୋଷ ଦାସ ଓ ରକ୍ତଦାତା ରାଜକିଶୋର ସାମନ୍ତରାୟଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବାର୍ଷିକ ମୁଖପତ୍ର 'ଜାଗୃତି' ଉନ୍ମୋଚିତ ହୋଇଥିଲା। ରୋଟାରିଆନ ଶରତ କୁମାର ଖୁଣ୍ଟିଆ ଅତିଥି ପରିଚୟ ଓ ଅମିତ୍ କୁମାର ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ସମ୍ପାଦକ କ୍ଷିତୀନ୍ଦ୍ର ନାଥ କାନୁନ୍‌ଗୋ, ଡ. ଜୟଶ୍ରୀ ମହାନ୍ତି, ଡ. ଶିବପ୍ରସାଦ ମିଶ୍ର, ରବୀନ୍ଦ୍ର କୁମାର ସାହୁ, କେ.ସି.ପ୍ରତାପ ସିଂ, ଇଂ. ହରିହର ରଣାଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ରୋଟାରିଆନ ବିଶ୍ୱକଲ୍ୟାଣ ଦାସ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ଖେଳ ଶେଷ ପର୍ଯ୍ୟନ୍ତ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

**କଟକ ଅଫିସ, ୧୦।୬**

**କ୍ରିକେଟ ମ୍ୟାଚ୍‌କୁ ନେଇ ଡିଜିପିଙ୍କ ସମୀକ୍ଷା ବୈଠକ**

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୨ ତାରିଖରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ କ୍ରିକେଟ୍ ମ୍ୟାଚ୍ ଖେଳାଯିବ। ଏନେଇ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଡିଜିପି ସୁନୀଲ ବଂଶଲଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର-କଟକ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ ଉଭୟ ଦେଶର ଖେଳାଳିଙ୍କ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଡିଜିପିଙ୍କୁ ଅବଗତ କରାଇଥିଲେ। ଖେଳାଳିମାନେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବା ପରଠାରୁ ଖେଳ ଶେଷ ହେବା ପର୍ଯ୍ୟନ୍ତ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଖେଳାଳିଙ୍କ ହୋଟେଲରେ ରହଣି, ନେଟ୍ସ ଅଭ୍ୟାସ ସମୟରେ ଖେଳାଳିଙ୍କ ଭୁବନେଶ୍ୱରରୁ କଟକ ଗସ୍ତ ଏବଂ ପ୍ରତ୍ୟାବର୍ତ୍ତନ, ଖେଳ ଦିନ ଷ୍ଟାଡିୟମ ପରିସର ଓ ବାହାରେ ଗ୍ରହଣ କରାଯାଇଥିବା ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ କହିଥିଲେ। ଏଥିସହ ଟ୍ରାଫିକ ବ୍ୟବସ୍ଥା ସୁନିୟନ୍ତ୍ରିତ, ଗୁରୁତ୍ୱପୂର୍ଣ୍ଣ ଛକରେ ପୋଲିସ ମୁତୟନ, ଦର୍ଶକଙ୍କ ନିମନ୍ତେ ପାର୍କିଂ ବ୍ୟବସ୍ଥା ସମ୍ପର୍କରେ ଡିଜିପିଙ୍କୁ ଜଣାଇଥିଲେ। ସେହିପରି ଖେଳ ସୁପରିଚାଳନା ନିମନ୍ତେ ୩ ଡିସିପି, ୭ ଅତିରିକ୍ତ ଡିସିପି, ୩୨ ଏସିପି, ୪୫ ଇନ୍ସପେକ୍ଟର, ୨୭୭ ଏସ୍‌ଆଇ/ଏଏସ୍‌ଆଇ, ୨୧ ଟ୍ରାଫିକ ହାବିଲଦାର, ୯୨ ଟ୍ରାଫିକ କନଷ୍ଟେବଲ, ୧୭୬ ଏପିଆର କନଷ୍ଟେବଲ, ୪୩ ମହିଳା କନଷ୍ଟେବଲ, ୧୭୧ ହୋମଗାର୍ଡ ଏବଂ ୧୮୬ ସେକ୍ସନ ଫୋର୍ସ ମୁତୟନ କରାଯିବ ବୋଲି ପ୍ରିୟଦର୍ଶୀ ଡିଜିପିଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଶୃଙ୍ଖଳା) ଆର୍. କେ. ଶର୍ମା, କଟକ ଡିସିପି ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଡିଜିପି, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା), ପୋଲିସ କମିଶନର ଓ କଟକ ଡିସିପି ବାରବାଟୀ ଷ୍ଟାଡିୟମକୁ ଯାଇ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ।

# ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଡିଜିପିଙ୍କ ଗୁରୁତ୍ୱ



ସମୀକ୍ଷା ବୈଠକରେ ଡିଜିପି ସୁନୀଲ ବଂଶଲଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀମାନେ।

**କଟକ ଅଫିସ, ୧୦।୬**

**ଶ୍ରୀଜଗନ୍ନାଥଙ୍କ ଦେବସ୍ନାନ ପୂର୍ଣ୍ଣିମାକୁ ନେଇ ସମୀକ୍ଷା ବୈଠକ**

- ମୁତୟନ ହେବେ ୫୦ ପ୍ଲାଟୁନ୍ ଫୋର୍ସ
- ଶ୍ରୀମନ୍ଦିର ପରିସର, ବାହାରେ ସିସିଟିଭି ବ୍ୟବସ୍ଥା

ଆସନ୍ତା ୧୪ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବ। ଏଥିପାଇଁ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଡିଜିପି ସୁନୀଲ ବଂଶଲଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ଶୃଙ୍ଖଳିତ ଭାବେ ଦେବସ୍ନାନ ପୂର୍ଣ୍ଣିମାକୁ ସମାପ୍ତ କରିବାକୁ ଡିଜିପି ବଂଶଲ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀମନ୍ଦିର ପରିସର ଓ ବାହାରେ ବହୁ ସଂଖ୍ୟାରେ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବାକୁ ଡିଜିପି ଗୁରୁତ୍ୱାରୋପ କରିଥିଲେ। ସେହିପରି ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଆର୍.କେ. ଶର୍ମା ଯୋଗଦେଇ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସ୍ନାନବେଦୀ ନିକଟକୁ ଭକ୍ତଙ୍କୁ ବାରଣ, ଜନଗହଳି ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଏବଂ ଅପରାଧକୁ ଦମନ ଭଳି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଯୋଗଦେଇ ସୁରକ୍ଷା ଦୃଷ୍ଟିରୁ ଶ୍ରୀମନ୍ଦିର ପରିସର ଓ ବାହାରେ ସିସିଟିଭି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ଦେବସ୍ନାନ ପୂର୍ଣ୍ଣିମାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ୩ କମାଣ୍ଡାଣ୍ଟ, ୭ ଅତିରିକ୍ତ ଏସ୍‌ପି, ୧୪ ଡିଏସ୍‌ପି, ୩୦ ଇନ୍ସପେକ୍ଟର ଏବଂ ୫୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ଏହି ବୈଠକରେ ପୁରୀ ଏସ୍‌ପି କନୱର ବିଶାଳ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ୭୦ ହିତାଧିକାରୀଙ୍କୁ ମିଳିଲା ଦୋକାନ, ଘର


କଟକ ସହିଦ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଆବଣ୍ଟନପତ୍ର ଦିଆଯାଉଛି।

**କଟକ ଅଫିସ,୧୦।୬**

ଇଣ୍ଟିଗ୍ରେଟେଡ୍ ହାଉସିଂ ଆଣ୍ଡ୍ ସ୍ଲମ୍ ଡେଭଲପମେଣ୍ଟ ପ୍ରୋଗ୍ରାମ(ଆଇଏଚ୍‌ଏସ୍‌ଡିପି) ଅନ୍ତର୍ଗତ ଅନ୍ଦରପୁରଠାରେ ନିର୍ମାଣ ହୋଇଥିବା କ୍ୱାର୍ଟର୍ସଗୁଡିକ ମଧ୍ୟରୁ ୨୬ ଘର ଶୁକ୍ରବାର ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି। ସେହିପରି ସହରର ୫ଟି ଭେଣ୍ଡିଂ ଜୋନ୍‌ରେ ୪୪ଜଣ ଉଠାଦୋକାନୀଙ୍କୁ ଥଇଥାନ କରାଯାଇଛି। ଶୁକ୍ରବାର କଟକ ସହିଦ ଭବନରେ ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂ, ବିଧାୟକ ସୋଭିକ୍ ବିଶ୍ୱାଳ, ଡେପୁଟି କମିଶନର ଶ୍ୱେତପଦ୍ମା ଡି ଶତପଥୀ ଯୋଗଦେଇ ହିତାଧିକାରୀମାନଙ୍କୁ ଦୋକାନ ଓ ଘର ଆବଣ୍ଟନପତ୍ର ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, କିଛି ମାସ ପୂର୍ବରୁ ଅନ୍ଦରପୁରଠାରେ ଥିବା ଉକ୍ତ କ୍ୱାର୍ଟର୍ସରେ ବଡ କେଲେଙ୍କାରୀ ହୋଇଥିବା ପଦାକୁ ଆସିଥିଲା। ସରକାରୀ ବାସଗୃହକୁ ଲୋକଙ୍କୁ ଭଡାସୂତ୍ରରେ ଦିଆଯାଇଥିଲା। ଏହାଦ୍ୱାରା ପ୍ରକୃତ ହିତାଧିକାରୀ ଆବାସ ପାଇବାରୁ ବଞ୍ଚିତ ହୋଇଥିଲେ। ପରେ ଏହା ଉପରେ ପଦକ୍ଷେପ ନିଆଯାଇ ସିଏମ୍‌ସି ପକ୍ଷରୁ ଉକ୍ତ ସ୍ଥାନ ଖାଲି କରାଯାଇଥିଲା। ଏବେ ଉକ୍ତ ଘରେ ୨୬ ଜଣ ହିତାଧିକାରୀଙ୍କ ରଖାଯାଇଛି। ଆଗାମୀ ଦିନରେ ଖାଲି ପଡିଥିବା ଘରକୁ ପ୍ରକୃତ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

## ୮ ଗାଡ଼ି ଜବତ, ୨ ଲକ୍ଷ ୩୦ ହଜାର ଜରିମାନା ଆଦାୟ

**ଆଠଗଡ଼,୧୦।୬(ସ୍ୱ.ପ୍ର.)**

ଆଠଗଡ଼ ତହସିଲ ପକ୍ଷରୁ ବୀରକିଶୋରପୁର, ତାଳଖମା, ଆଠଗଡ଼ ସହର ଓ ନୂଆବନ୍ଧ ଗ୍ରାମରେ ଚଢ଼ାଉ କରାଯାଇ ୩ ମାଙ୍କଡ଼ା ବୋଝେଇ ପଥର ଟ୍ରକ୍, ଦୁଇଟି ବାଲି ବୋଝେଇ ଟ୍ରାକ୍ଟର ଓ ୩ଟି କଳାମୁଗୁନି ପଥର ବୋଝେଇ ହାଇୱା ଜବତ କରାଯାଇଛି। ଏ ବାବଦରେ ୨ ଲକ୍ଷ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଠଗଡ଼ ଅଞ୍ଚଳରୁ ପ୍ରତ୍ୟେକ ଦିନ ବାଲି, ମାଙ୍କଡ଼ା ପଥର, କଳା ମୁଗୁନି ପଥର ଚୋରା ଚାଲାଣ ହେଉଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁ ମାଫିଆମାନେ ନିଜର ମନମାନି ଚଳାଇଛନ୍ତି। ତେବେ ବେଳେବେଳେ ପ୍ରଶାସନ ପକ୍ଷରୁ ଲୋକଦେଖାଣିଆ ଚଢ଼ାଉ କରାଯାଇ ଗାଡି ଜବତ କରାଯାଉଥିଲେ ମଧ୍ୟ ରାଜନୈତିକ ଚାପରେ କମ୍ ଜରିମାନା କରି ଛାଡ଼ି ଦେଉଥିବା ଅଭିଯୋଗ ହେଉଛି।

# ବାଲି ଗାଡ଼ି ଚଳାଚଳ ବନ୍ଦ ଦାବିରେ ରାସ୍ତାରୋକୋ

**ନିଶ୍ଚିନ୍ତକୋଇଲି,୧୦।୬(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ତହସିଲ ଅଧୀନ ବିଭିନ୍ନ ବାଲିଘାଟକୁ ନିଲାମ ଦିଆଯାଇଛି। ଏସବୁ ବାଲିଘାଟରୁ ଟ୍ରକ୍, ଟ୍ରାକ୍ଟର ଓ ହାଇୱା ଯୋଗେ ବାଲି ଚାଲାଣ କରାଯାଉଛି। ଫଳରେ ନିଶ୍ଚିନ୍ତକୋଇଲି ରାସ୍ତା ଶୋଚନୀୟ ହେବା ସହ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବାଲି ଗାଡ଼ି ଚଳାଚଳ ବନ୍ଦ ଦାବିରେ ସ୍ଥାନୀୟ ଲୋକେ ତରତଠାରେ କଟିକଟା-ଜୟପୁର ପୂର୍ତ୍ତ ବିଭାଗ ରାସ୍ତା ଅବରୋଧ କରିଛନ୍ତି। ବିଶେଷକରି ଲୁଣା-ଚିତ୍ରୋତ୍ପଳା, ମହାନଦୀର ବିଭିନ୍ନ ଘାଟରୁ ଶହ ଶହ ଟ୍ରିପ ବାଲି ଏହି ରାସ୍ତା ଦେଇ ଚାଲାଣ କରାଯାଉଛି। ରାସ୍ତାର ବିଭିନ୍ନ ସ୍ଥାନରେ ବାଲି ପଡ଼ିରହିବା କାରଣରୁ ରାସ୍ତା ମରଣଯନ୍ତା ପାଲଟିଛି। ଏଥିଯୋଗୁ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି। ଏହି ରାସ୍ତାରେ ବହୁ ସଂଖ୍ୟାରେ ଭାରିଯାନ ଚଳାଚଳ ଯୋଗୁ ଜରୁରିକାଳୀନ ପରିସ୍ଥିତିରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରୋକୋ ଖବରପାଇ ନିଶ୍ଚିନ୍ତକୋଇଲି ଭାରପ୍ରାପ୍ତ ତହସିଲଦାର କର୍ଣ୍ଣଦେବ ସମାଦ୍ଦାର ଓ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଜନତାଙ୍କୁ ବୁଝାଶୁଝା କରିବା ସହ ଏହି ରାସ୍ତା ଦେଇ ଭାରିଯାନ ଚଳାଚଳ କରିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

## ମୁକ୍ତେଶ୍ୱରଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଚୌଦ୍ୱାର,୧୦।୬(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଆଗ୍ରାହାଟ ପଞ୍ଚାୟତର କୁଜିବର ଗ୍ରାମରେ ମୁକ୍ତେଶ୍ୱର ମହାଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହୋଇଛି। ଉତ୍ସବର ବିଭିନ୍ନ ଦିବସରେ ଘଟ ସ୍ଥାପନ, ସୂର୍ଯ୍ୟପୂଜା, କଳସ ଶୋଭାଯାତ୍ରା, ପୂର୍ଣ୍ଣାହୁତି, ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା। ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସରକାରୀ କର୍ମଚାରୀ ମାନ୍ୟତା ନ ଦେଲେ ଆନ୍ଦୋଳନ

**କଟକ ଅଫିସ, ୧୦।୬**

ଗ୍ରାମ୍ୟ ଉନ୍ନୟନ ବିଭାଗରେ ସୁଇପର, ୱାଚର, ପିଅନ, ରୋଲର ଡ୍ରାଇଭର ଓ କିରାଣି ଭାବେ ୭୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ୧୯୯୩ ମସିହାରୁ କାର୍ଯ୍ୟ କରୁଛନ୍ତି। ଦୀର୍ଘବର୍ଷ ଧରି କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦିଆଯାଉନାହିଁ। ଏପରି କି ସେମାନଙ୍କୁ ଦରମା ମିଳୁନାହିଁ। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ସେମାନଙ୍କ ପରିବାର ଦୁଃଖଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ଏଣୁ ଉକ୍ତ କର୍ମଚାରୀମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ସହ ନିୟମିତ ଉଚିତ୍ ଦରମା ପ୍ରଦାନ କରିବାକୁ ନୂଆବଜାର ପୋତାପୋଖରୀସ୍ଥିତ ଆର୍‌ଇଓ କଲୋନୀଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଓଡ଼ିଶା ଗ୍ରାମ୍ୟ ନିର୍ମାଣ ବିଭାଗ ଅସ୍ଥାୟୀ କର୍ମଚାରୀ ସଂଘ ସଭାପତି ନାରାୟଣ ଜେନା ଦାବି କରିଛନ୍ତି। ତୁରନ୍ତ ଦାବି ପୂରଣ କରା ନ ଗଲେ ଆସନ୍ତା ୧୫ ତାରିଖ ପରେ ଧର୍ମଘଟ ଓ ଆନ୍ଦୋଳନ କରାଯିବ ବୋଲି ଜେନା କହିଛନ୍ତି। ଏହି ସମ୍ମିଳନୀରେ ସଂଘ ଉପସଭାପତି ବିଶ୍ୱରଞ୍ଜନ ମୁଲିଆ, ସମ୍ପାଦକ କେଦାର ନାଥ ମଲ୍ଲିକ, ସହସମ୍ପାଦକ ପ୍ରଦୀପ କୁମାର ଦାସ, କୋଷାଧକ୍ଷ ପ୍ରଦୀପ କୁମାର ରାଉତ, ମାଧବ ସ୍ୱାଇଁ, ବିକ୍ରମ ସାହୁ, ମନୋରଞ୍ଜନ ନାଏକ, ଅଚ୍ୟୁତାନନ୍ଦ ସାମଲ ଉପସ୍ଥିତ ଥିଲେ।

# ସି-୧ ଫର୍ମ ନେବା ପାଇଁ ଅନିଚ୍ଛୁକ ପ୍ରଭାବଶାଳୀ ଜବ୍‌କାର୍ଡଧାରୀ

**କଟକ ସଦର, ୧୦।୬(ଡି.ଏନ୍.ଏ.)**

କଟକ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର କଟକ ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ପଞ୍ଜୀକୃତ ଜବ୍‌କାର୍ଡଧାରୀଙ୍କ ପାଇଁ ସି-୧ ଫର୍ମ ଗ୍ରାମ ରୋଜଗାର ସେବକଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ହେଲେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ କାମ କରିଥିବା ପ୍ରଭାବଶାଳୀ ଜବ୍‌କାର୍ଡଧାରୀ ଉକ୍ତ ଫର୍ମ ନେବା ପାଇଁ ମନା କରିଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। କାରଣ ସାମାଜିକ ପ୍ରତିପତ୍ତିକୁ ଦେଖିଲେ ଶ୍ରମଭିତ୍ତିକ ମାଟି କାମ ପାଇଁ ଏମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଯଦି ଉକ୍ତ ଫର୍ମ ନେଇ ମାଟି କାମ କରିବା ପାଇଁ ସ୍ଥାନୀୟ ପଞ୍ଚାୟତରେ ଦରଖାସ୍ତ କରାଯାଏ, ତା'ହେଲେ ଆବେଦନକାରୀଙ୍କୁ ରାସ୍ତା ଓ ପୋଖରୀରେ ମାଟିକାମ କରିବାକୁ ପଡିପାରେ। ଏ ନେଇ କଟକ ସଦର ବ୍ଲକ କଂଗ୍ରେସ ସଭାପତି ପ୍ରତାପ ମଲ୍ଲିକ କହିଛନ୍ତି, ଉକ୍ତ ବ୍ଲକ ଅଞ୍ଚଳରେ ମେଶିନ ଦ୍ୱାରା ମାଟି ଖୋଳି ବୋଲକରା ଜବ୍‌କାର୍ଡଧାରୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଏ। ଏହି କାମ ଅତି ଗୋପନୀୟ ଭାବେ ଅନେକ ଦିନରୁ ଚାଲୁ ଥିବାରୁ କେହି ଆଗୁଆ କାମ କରିବା ପାଇଁ ଆବେଦନ କରିବାକୁ କୁଣ୍ଠାବୋଧ କରୁଛନ୍ତି। ଅପରପକ୍ଷେ କମାପୁର ଗ୍ରାମର ପ୍ରଫୁଲ୍ଲ ଭୋଇ କହିଛନ୍ତି, ୨୩ ପଞ୍ଚାୟତରେ ଅନେକ ଜବ୍‌କାର୍ଡଧାରୀ ଅଛନ୍ତି ଯାହାଙ୍କର କାମ ନ କରି ଘରେ ବସି ଟଙ୍କା ପାଇବା ଅଭ୍ୟାସରେ ପରିଣତ ହୋଇଯାଇଛି। ସେହିଭଳି ଜବ୍‌କାର୍ଡଧାରୀ ମହିଳା ଓ ପୁରୁଷଙ୍କର ମୁଣ୍ଡରେ ମାଟି ବୋହିବା ଫଟୋ ଅନ୍‌ଲାଇନରେ ଅପ୍‌ଲୋଡ୍ କରାଯିବା ଦରକାର ବୋଲି ସେ କହିଛନ୍ତି। ଗତ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଉଚ୍ଚ ଶିକ୍ଷିତ ମହିଳା ଓ ଯୁବକମାନଙ୍କୁ ବିଭିନ୍ନ ପଞ୍ଚାୟତରେ ୨ ହଜାରରୁ ଊର୍ଦ୍ଧ୍ୱ ଜବ୍‌କାର୍ଡ ତରବରିଆ ଭାବେ ବଣ୍ଟନ କରାଯାଇଥିଲା। ମାତ୍ର କାର୍ଡ ବଣ୍ଟନ ସମୟରେ କେମିତି କାମ ମିଳିବ ସେ କଥା କାହାରିକୁ କୁହାଯାଇ ନ ଥିଲା ବୋଲି ଜଣେ ବ୍ୟକ୍ତି ନିଜ ପରିଚୟ ଗୋପନ ରଖି କହିଛନ୍ତି। ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ା କହିଛନ୍ତି, ପ୍ରଥମେ କାମ ପାଇଁ ହିତାଧିକାରୀଙ୍କୁ ସି-୧ ଫର୍ମରେ ଆବେଦନ କରିବାକୁ ପଡିବ। ପରେ ସେମାନଙ୍କୁ ସି-୨ ଫର୍ମରେ କାର୍ଯ୍ୟାଦେଶ ଯୋଗାଇ ଦିଆଯିବ ବୋଲି ପରିଡା କହିଛନ୍ତି।

# ସୋସିଆଲ ମିଡିଆରେ ଟିକେଟ କଳାବଜାର

**କଟକ ଅଫିସ,୧୦।୬**

- ୧୨ରେ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍
- ୯୦୦ ଟଙ୍କାରେ କିଣି ୬୦୦୦ରେ ବିକ୍ରି
- କଳାବଜାରକାରୀଙ୍କୁ ଧରିବାରେ ପୋଲିସ ବିଫଳ

ଆସନ୍ତା ୧୨ ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ୍ ଅନୁଷ୍ଠିତ ହେବ। ହେଲେ ଏଥିପାଇଁ ଟିକେଟ ବିକ୍ରିରେ ବିଭ୍ରାଟ ଦେଖାଦେଇଛି। ଗୁରୁବାର ଟିକେଟ କିଣିବା ପାଇଁ କାଉଣ୍ଟର ନିକଟରେ ଠେଲାପେଲା ଓ ଧସ୍ତାଧସ୍ତି ହୋଇଥିଲା। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ପୋଲିସକୁ ଲାଠିଚାର୍ଜ କରିବାକୁ ପଡିଥିଲା। ତେବେ ପରିଶ୍ରମ କରି ଆଣିଥିବା ଟିକେଟ ଏବେ ଚଢ଼ା ଦରରେ ବିକ୍ରି ହେଉଛି। ଟିକେଟ୍ କଳାବଜାର କରିବା ପାଇଁ ଡିଜିଟାଲ ପ୍ଲାଟ୍‌ଫର୍ମକୁ ଲୋକମାନେ ମାଧ୍ୟମ କରିଛନ୍ତି। ଫେସ୍‌ବୁକ, ଓଏଲ୍‌ଏକ୍ସ, ହ୍ୱାଟସ୍ ଆପ୍ ଆଦିରେ ଖୋଲାଖୋଲି ଭାବରେ ପୋଷ୍ଟ କରି ଅଧିକ ଦାମ୍‌ରେ ଟିକେଟ ବିକ୍ରି କରୁଛନ୍ତି। କ୍ରିକେଟ୍‌କୁ ନେଇ ଉତ୍ସାହିତ ଥିବା ଦର୍ଶକମାନେ ମଧ୍ୟ ଚଢ଼ା ଦରରେ ଟିକେଟ କିଣୁଛନ୍ତି। ଅନ୍‌ଲାଇନ୍ ଓ ଅଫ୍‌ଲାଇନରେ ଜଣେ ଦୁଇଟି ଟିକେଟ୍ କିଣିବା ପାଇଁ ନିୟମ ଥିବାବେଳେ ଏତେ ଟିକେଟ୍ କୁଆଡୁ ଆସିଲା ତାହା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଟିକେଟ କଳାବଜାରକାରୀମାନେ ନିଜ ନମ୍ବର ଫେସ୍‌ବୁକରେ ପୋଷ୍ଟ କରି ଟିକେଟ ବିକୁଛନ୍ତି। ସମାନ ଦୃଶ୍ୟ ଓଏଲ୍‌ଏକ୍ସରେ ମଧ୍ୟ ଦେଖିବାକୁ ମିଳିଛି।

୭୦୦ ଟଙ୍କା ମୂଲ୍ୟର ଟିକେଟ୍ ୩୫୦୦ରୁ ୫୦୦୦ ଏବଂ ୯୦୦ ଟଙ୍କା ଟିକେଟକୁ ୫ରୁ ୬ ହଜାର ଟଙ୍କାରେ ବିକ୍ରି ହେଉଛି। ଗ୍ୟାଲେରି ନଂ. ୨ର ଟିକେଟ୍ ଦାମ ୭୦୦ ଟଙ୍କା ଥିବାବେଳେ ଏହାକୁ ୫୦୦୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ଗ୍ୟାଲେରି ନଂ. ୩ର ଟିକେଟ ଦାମ୍ ୯୦୦ ଟଙ୍କା ଥିବାବେଳେ ତାହାକୁ ୫୦୦୦ ଟଙ୍କାରେ ବିକ୍ରି କରାଯାଉଛି। ଗ୍ୟାଲେରି ନଂ.୪ରେ ଥିବା ଏସି ବକ୍ସ ଟିକେର ଦାମ୍ ୭୦୦୦ ଟଙ୍କା ଥିବାବେଳେ ଏହାକୁ ବ୍ଲାକରେ୧୫ ହଜାର ଓ ୫ ହଜାର ଦାମ୍‌ର ଟିକେଟକୁ ୧୦ ହଜାର ଟଙ୍କାରେ ବିକ୍ରି କରାଯାଉଛି। ସୋସିଆଲ ମିଡିଆରେ ଖୋଲାଖୋଲି ଭାବରେ ଚଢ଼ା ଦାମ୍‌ରେ ଏହି ସବୁ ଟିକେଟ ବିକ୍ରି କରାଯାଉଛି। କଳାବଜାର ରୋକିବା ପାଇଁ ସାଦା ପୋଷାକରେ ପୋଲିସ ମୁତୟନ ହୋଇଥିଲେ ମଧ୍ୟ କଳାବଜାରକାରୀଙ୍କୁ ଧରିପାରୁନାହିଁ। ଏନେଇ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି, ଟିକେଟ୍ କଳାବଜାରକାରୀଙ୍କୁ ଧରିବା ପାଇଁ ସାଦା ପୋଷାକରେ ପୋଲିସକୁ ନିୟୋଜିତ କରାଯାଇଛି। ସୋଶିଆଲ ମିଡିଆରେ ଖୋଲାଖୋଲି ଭାବେ ଟିକେଟ ଚଢ଼ା ଦରରେ ବିକ୍ରି କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।



କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୨ ତାରିଖରେ ମ୍ୟାଚ୍ ଦେଖିବାକୁ ଅନ୍‌ଲାଇନ୍‌ରେ ଆବେଦନ କରିଥିବା ଲୋକେ ଟିକେଟ୍ ସଂଗ୍ରହ ପାଇଁ ଶୁକ୍ରବାର କଟକ କେମ୍ବ୍ରିଜ୍ ସ୍କୁଲ ପରିସରସ୍ଥିତ କାଉଣ୍ଟର ନିକଟରେ ଧାଡ଼ିରେ ଛିଡ଼ା ହୋଇଛନ୍ତି।



ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଟି-୨୦ ମ୍ୟାଚ୍‌କୁ ଶାନ୍ତିଶୃଙ୍ଖଳାରେ ପରିଚାଳନା କରିବା ପାଇଁ ଶୁକ୍ରବାର କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀମାନେ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୧୦।୬।୨୦୨୨

| | |
|---|---|
| ୫,୭୯,୨୧୬ ଟଙ୍କା | |
| ସୁନା | ୪.୯୦୦ ଗ୍ରାମ |
| ରୁପା | ୨୭ ଗ୍ରାମ |

# ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଡିଜିପିଙ୍କ ଗୁରୁତ୍ୱ

**ଦେବସ୍ନାନ ପୂର୍ଣ୍ଣିମା ନେଇ ସମୀକ୍ଷା ବୈଠକ**

- ମୁତୟନ ହେବେ ୫୦ ପ୍ଲାଟୁନ୍ ଫୋର୍ସ
- ଶ୍ରୀମନ୍ଦିର ପରିସର, ବାହାରେ ସିସିଟିଭି ବ୍ୟବସ୍ଥା


ସମୀକ୍ଷା ବୈଠକରେ ଡିଜିପି ସୁନୀଲ ବଂଶଲଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀମାନେ।

କଟକ ଅଫିସ, ୧୦।୬

ଆସନ୍ତା ୧୪ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବ। ଏଥିପାଇଁ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଡିଜିପି ସୁନୀଲ ବଂଶଲଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ଶୃଙ୍ଖଳିତ ଭାବେ ଦେବସ୍ନାନ ପୂର୍ଣ୍ଣିମାକୁ ସମାପ୍ତ କରିବାକୁ ଡିଜିପି ବଂଶଲ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀମନ୍ଦିର ପରିସର ଓ ବାହାରେ ବହୁ ସଂଖ୍ୟାରେ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବାକୁ ଡିଜିପି ଗୁରୁତ୍ୱାରୋପ କରିଥିଲେ। ସେହିପରି ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଆର୍.କେ. ଶର୍ମା ଯୋଗଦେଇ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସ୍ନାନବେଦୀ ନିକଟକୁ ଭକ୍ତଙ୍କୁ ବାରଣ, ଜନଗହଳି ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଏବଂ ଅପରାଧକୁ ଦମନ ଭଳି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଯୋଗଦେଇ ସୁରକ୍ଷା ଦୃଷ୍ଟିରୁ ଶ୍ରୀମନ୍ଦିର ପରିସର ଓ ବାହାରେ ସିସିଟିଭି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ଦେବସ୍ନାନ ପୂର୍ଣ୍ଣିମାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ୩ କମାଣ୍ଡାଣ୍ଟ, ୭ ଅତିରିକ୍ତ ଏସ୍‌ପି, ୧୪ ଡିଏସ୍‌ପି, ୩୦ ଇନ୍ସପେକ୍ଟର ଏବଂ ୫୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ଏହି ବୈଠକରେ ପୁରୀ ଏସ୍‌ପି କନୱର ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

**ରଥଖଳାରୁ**

## ଧାର୍ଯ୍ୟ ସମୟ ପୂର୍ବରୁ ଉଠିଲା ଚାରି ନାହାକା



ପୁରୀ ଅଫିସ, ୧୦।୬:

ଶ୍ରୀନଅରସ୍ଥିତ ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ରଥ ସଂହିତା ଅନୁଯାୟୀ, ପବିତ୍ର ସ୍ନାନପୂର୍ଣ୍ଣିମା ତିଥିରେ ତିନିରଥର ନାହାକା ଉଠିଥାଏ ଏବଂ ଭୋଇ ସେବକମାନେ ପରମ୍ପରା ଅନୁଯାୟୀ ତୃତୀୟ ହରିବୋଲ ପକାଇଥାନ୍ତି। ତେବେ ଚଳିତ ବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ଶୁକ୍ରବାର ତିନି ରଥର ଚାରି ନାହାକା ଉଠିଛି। ଗୁରୁବାର ତିନି ରଥର ଦୁଇଟି ଲେଖାଏ ଗରଗରା ପଡ଼ି ୨ଟିଲେଖାଏ ପୋଲ ଗୟଳ ଫିଟିଂ ହୋଇଥିଲା। ଶୁକ୍ରବାର ତିନିରଥର ପଞ୍ଚଦଣ୍ଡାରେ ସେଟିଂ ହୋଇଥିବା ଗରଗରା ଉପରେ ଚାରିନାହାକା ଉଠିବା ପାଇଁ ମୁଖ୍ୟ ମହାରଣାମାନେ ନଡ଼ିଆ ବାଡେଇ ଅନୁକୂଳ ପୂଜା ପୂର୍ବକ ଭୋଇ ସେବକଙ୍କ ଦ୍ୱାରା ଚାରି ନାହାକାକୁ ଗରଗରା ବିନ୍ଧରେ ସଂଯୋଗ କରାଯାଇଥିଲା। ପରେ ଭୋଇ ସେବକମାନଙ୍କ ଦ୍ୱାରା ତିନି ରଥର ଚାରି ନାହାକା ଉଠିଥିଲା। ପରମ୍ପରା ଅନୁଯାୟୀ, ଭୋଇ ସେବକମାନେ ହରିବୋଲ ପକାଇଥିଲେ। ଏତଦ୍‌ବ୍ୟତୀତ ମହାରଣା ସେବକ ଓ ଭୋଇସେବକ ମିଶି ପାର୍ଶ୍ୱ ଦଣ୍ଡାରେ ତିନୋଟି ଲେଖାଏ ଜଳଯନ୍ତ୍ର ଏବଂ ଦୁଇଟି ଲେଖାଏ କୋଣଗୁଜ ଖଞ୍ଜି ପାର୍ଶ୍ୱ ଗୟଳ ପକାଇଛନ୍ତି। ଏତଦ୍‌ବ୍ୟତୀତ ନନ୍ଦିଘୋଷ ଓ ଦେବଦଳନ ରଥର ବେଦୀ ପାଇଁ ୫ଟି ଜଗତ ପୃଷ୍ଠ ଶେଣୀର ଚଉପଟ କାର୍ଯ୍ୟ ଶେଷ ହୋଇଛି। ସେହିପରି ତାଳଧ୍ୱଜ ରଥର ୩ଟି ଜଗତ ପୃଷ୍ଠ ଶ୍ରେଣୀର ଚଉପଟ କାମ ସରିଛି। ରୂପକାର ସେବକମାନେ ତିନିରଥର ସିଂହାସନରେ କୁମ୍ଭ, ଡାଳି ଲତା ଓ ପଦ୍ମ ପାଖୁଡ଼ା ଖୋଦେଇ ସହ ନାଟଗୋଡ଼ରେ ଗନ୍ଧର୍ବ ବା ରାହୁ ରୂପ ଖୋଦେଇ ଜାରି ରଖିଛନ୍ତି। କମାର ସେବକମାନେ ଦୋଳବେଦିସ୍ଥିତ କମାରଶାଳାରେ ଭୂଇଁ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

**ସଂକ୍ଷେପରେ**

### ଦୟାନଦୀ ବାଲିଘାଟ ନିଲାମ ପାଇଁ ଜନଶୁଣାଣି ଶିବିର

ଡେଲାଙ୍ଗ,୧୦।୬(ଡି.ଏନ୍.ଏ.)- ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଗଡ଼ବେଗୁନିଆପଡ଼ା ବିଦ୍ୟାଳୟ ସନ୍ନିକଟରେ ବାଲିଘାଟ ନିଲାମ ପାଇଁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରେଭିନ୍ୟୁ ଏଡିଏମ ଦିଲୀପ କୁମାର ମହାପାତ୍ର, ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡର ରିଜିଓନାଲ ଅଫିସର ଡ. ଶୋହନ ଗିରି, ତହସିଲଦାର ଦିଲୀପ କୁମାର ଷଡଙ୍ଗୀ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷା ଦୁର୍ବାଶା ନିଶଙ୍କ, ସାମାଜିକ କର୍ମୀ ତପନ ରାୟ, ରାଜସ୍ୱ ସୁପରଭାଇଜର ମନୋରଞ୍ଜନ ମିଶ୍ର, ଆର୍‌ଆଇ ନଚିକେତନ ଦାସ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ଗଡବେଗୁନିଆପଡାରେ ଦୟାନଦୀ ବାଲି ଘାଟ ନିଲାମ କରାଯିବା ସମ୍ପର୍କରେ ସ୍ଥାନୀୟ ଲୋକଙ୍କଠାରୁ ଲିଖିତ ଓ ଭିଡିଓ ଉତ୍ତୋଳନ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଇଥିଲା। ଜିଲା ସର୍ଭେ ରିପୋର୍ଟ, ଏନଭାଇରମେଣ୍ଟ କ୍ଲିୟରାନ୍ସ ତଥ୍ୟ ସଂଗ୍ରହ କରି ରାଜ୍ୟ ପରିବେଶ ବିଭାଗ ଆକଳନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯିବ। ସେଠାରେ ବିଭାଗୀୟ ଅଧିକାରୀମାନେ ସଂଗ୍ରହ କରାଯାଇଥିବା ତଥ୍ୟକୁ ଆଧାର କରି ବାଲିଘାଟ କେବେ ନିଲାମ କରାଯିବ ସେ ସମ୍ପର୍କରେ ସ୍ଥିର କରିବେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଗ୍ରାମବାସୀ ପ୍ରଦୀପ୍ତ ପାତ୍ର, ସୁବାସିନୀ ପରିଡା, ପ୍ରମିଳା ମିଶ୍ର, ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ବାଲି ଘାଟ ହେଲେ ନଦୀ ଶଯ୍ୟା ଖନନ ହେବା ସହିତ ନଦୀରେ ବନ୍ୟା ସମୟରେ ଜଳ ନିଷ୍କାସନରେ ସହାୟକ ହେବ, ସ୍ଥାନୀୟ ଅଞ୍ଚଳବାସୀ କମ୍ ଟଙ୍କାରେ ବାଲି ପାଇପାରିବେ ଓ ସରକାରଙ୍କ ପ୍ରଚୁର ପଣିମାଣରେ ରାଜସ୍ୱ ଆଦାୟ ହୋଇପାରିବ ବୋଲି ସ୍ଥାନୀୟ ଲୋକମାନେ ମତପ୍ରକାଶ କରିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଡେଲାଙ୍ଗ ଆଇଆଇସି ଅନିଲ କୁମାର ମହାନ୍ତି ପୋଲିସ ଫୋର୍ସ ସହିତ ଉପସ୍ଥିତ ଥିଲେ।

### ପୂର୍ବତନ ସରପଞ୍ଚ ଶ୍ରୀଚରଣ ପଲାଇଙ୍କ ପରଲୋକ

ବ୍ରହ୍ମଗିରି,୧୦।୬(ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକ ରେବଣା ନୂଆ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀଚରଣ ପଲାଇ(୮୪) ବୟସାଧିକ କାରଣରୁ ପଲଙ୍କସ୍ଥିତ ବାସଭବନରେ ଗୁରୁବାର ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁଶଯ୍ୟା ପାଖରେ ପତ୍ନୀ, ସାନ ପୁଅ ମଳୟ ପଲାଇ, ପୁତ୍ରବଧୂ, ଝିଅ ଓ ଜ୍ୱାଇଁ, ନାତୁଣୀ ନାତି ଉପସ୍ଥିତ ଥିଲେ। ତାଙ୍କ ଶେଷ ଦର୍ଶନ ପାଇଁ ରେବଣା ପଞ୍ଚାୟତର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ପଲଙ୍କ ଗ୍ରାମବାସୀଙ୍କ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରାରେ ମୃତଦେହକୁ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରାରେ ପଲଙ୍କ, ଚଣ୍ଡପୁଟ, ମୋଟ, ହାତିଆ, କାଠୁଆ ଆରେଡି ଗ୍ରାମଗୁଡିକରୁ ହଜାର ହଜାର ଲୋକ ଯୋଗଦେଇଥିଲେ। ପଲଙ୍କ ଚାରିଗ୍ରାମ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ମଧୁସୂଦନ ପଲାଇ ମୁଖାଗ୍ନି ଦେଇଥିଲେ।



ପୁରୀ ବାସିନ୍ଦାଙ୍କ ପ୍ରତି ପ୍ରଶାସନର ଅବହେଳା ପ୍ରତିବାଦରେ ସିପିଆଇଏମ୍ ପକ୍ଷରୁ ଶୁକ୍ରବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ୪ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ନିମାପଡ଼ା,୧୦।୬(ଡି.ଏନ୍.ଏ.)

ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଝାଡ଼ଲିଙ୍ଗ, ନଗର, ନୂଆଗଡ଼, ନଇଗୁଆଁ, ପାଟଳଦା, କାଳିଆକଣ, ମାଳଦା ପ୍ରଭୃତି ଅଞ୍ଚଳ ଉପରେ ଅନେକ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ମାଳଦା ଗ୍ରାମ ନିକଟରୁ ଜଣେ ଗଞ୍ଜେଇ ବ୍ୟବସାୟୀ ନରେଶ ମୁରୁଡ଼ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। କୋର୍ଟ ତାଙ୍କ ଜାମିନକୁ ନାମଞ୍ଜୁର କରିବାରୁ ଜେଲ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କଠାରୁ ୪ କେଜି ଗଞ୍ଜେଇ ଜବତ କରାଯାଇଥିବା ବେଳେ ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ.୧୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ପୁରୀ ଜିଲା ଅବକାରୀ ଏସ୍‌ପି ଅମରେନ୍ଦ୍ର ଜେନାଙ୍କ କଡ଼ା ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ସବଇନ୍ସପେକ୍ଟର ମମତା କୁମାର ଦାସ, ଏସ୍‌ଆଇ ସିଦ୍ଧେଶ୍ୱର ମଲ୍ଲିକ, ଏସ୍.କେ. ଓ୍ୱାରିସ, ଜିତେନ୍ଦ୍ର ବେହେରା, ସଞ୍ଜୀବ ହସ୍ତୀ, ଆଶିଷ ପ୍ରଧାନ ପ୍ରମୁଖ ସଦଳବଳେ ଏହି ଚଢ଼ାଉ କରିଥିଲେ।

## ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ

ଗୋପ,୧୦।୬(ଡି.ଏନ୍.ଏ.)

ଗ୍ରାମାଞ୍ଚଳର ମହିଳାମାନେ ଏବେ କାହା ଉପରେ ଆଉ ନିର୍ଭରଶୀଳ ନାହାନ୍ତି। ପୂର୍ବରୁ ମହିଳାମାନେ ବଞ୍ଚିବା ଲାଗି ଅନ୍ୟମାନଙ୍କ ଉପରେ ବୋଝ ହେଉଥିବା ବେଳେ ରାଜ୍ୟ ସରକାର ଏହାର ନିରାକରଣ ନିମନ୍ତେ ବିଭିନ୍ନ ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିପାରିଛନ୍ତି ବୋଲି ଶୁକ୍ରବାର ଗଣେଶ୍ୱରପୁର ପଞ୍ଚାୟତର ମହାବୀର ମହିଳା ସଂଘର ବାର୍ଷିକ ଉତ୍ସବରେ ଅତିଥି ଭାବେ ଯୋଗଦେଇ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ କହିଛନ୍ତି। ଗୋପ ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୁଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବୀର ମହିଳା ମହାସଂଘର ସଂଯୁକ୍ତା ନାୟକ, ଏମ ବି କେ ନମିତା ବେହେରା, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଶାଖା ପରିଚାଳକ ସବ୍ୟସାଚୀ ସେଠୀ, ଓଡ଼ିଶା ଜୀବିକା ମିଶନ ଶକ୍ତିର ବିପିଏମ୍ ଦିପାଲୀ ଛାଟୋଇ, ବିଏଲ୍‌ସି ମଞ୍ଜୁଲତା ପ୍ରଧାନ, ରୁବିଲତା ଓଝା, ପ୍ରଭାତୀ ପଟ୍ଟନାୟକ, ବେବି ବେହେରା, ମିଶନ ଶକ୍ତି ବିପିସି ଟିଙ୍କିନା ବେହେରା ପ୍ରମୁଖ ଯୋଗଦେଇଥିଲେ। ଗଣେଶ୍ୱରପୁର ପଞ୍ଚାୟତର ମହାବୀର ମହିଳା ସଂଘ ରାଜ୍ୟ ସରକାରଙ୍କ ଯୋଜନାରେ ଆସୁଥିବା ଗୋଷ୍ଠୀ ବିନିଯୋଗ ପାଣ୍ଠି ଆୟବ୍ୟୟ ସମ୍ପର୍କରେ ମହିଳା ସଂଘରେ ଥିବା ୧୪୯ଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠୀର ସଦସ୍ୟାମାନଙ୍କୁ ସୂଚନା ଦେଇଥିଲେ। ମହାସଂଘ ସଭାନେତ୍ରୀ ମିନାକ୍ଷୀ ପୁଷ୍ଟି ଚଳିତବର୍ଷ ମହିଳା ସଂଘ ଛେଳି କ୍ଲଷ୍ଟର, ଗାଈ କ୍ଲଷ୍ଟର, ଧାନ ମଣ୍ଡି, ଘାସ ଚାଷ, ରାସ୍ତାଘାଟ, ପରିମଳ ବିହନ କେନ୍ଦ୍ର ସହିତ ଆଉ କେତେକ ଉପରେ ଗୁରୁତ୍ୱ ଦେଇ ଯେପରି ଘର ଭିତରେ ରହୁଥିବା ମହିଳାମାନେ ଆଗକୁ ଯାଇପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ଓଡ଼ିଶୀ, ସମ୍ବଲପୁରୀର ନୃତ୍ୟ ଗୀତ ପରିବେଷଣ କରାଯାଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ଗ୍ରାମାଞ୍ଚଳ ମହିଳାମାନଙ୍କୁ ଓ ବିଭିନ୍ନ ମହିଳା ସଙ୍ଗଠନର ସଦସ୍ୟାଙ୍କୁ ପୁରସ୍କୃତ ସହିତ ମାନପତ୍ର ପ୍ରଦାନ କରାଯାଇଥିଲା।

## ନିମାପଡ଼ା ଛକରୁ ବାଇକ୍ ଚୋରି

ନିମାପଡ଼ା,୧୦।୬(ଡି.ଏନ୍.ଏ.)

ନିମାପଡ଼ା ଥାନା ଅଧୀନ ଦୋଳବେଦି ଛକଠାରେ ଥିବା ଜନଗହଳିପୂର୍ଣ୍ଣ ଏକ ଶପିଂ ମଲ ନିକଟରେ ଏକ ବାଇକ୍ ଗୁରୁବାର ମଧ୍ୟାହ୍ନରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୦୨/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ସ୍ଥାନୀୟ ଥାନା ଅନ୍ତର୍ଗତ ନିଆଁଗୋରଡ଼ା ଗ୍ରାମର ସୁମିତ କୁମାର ଜେନା ଦୋଳବେଦି ଛକରେ ଥିବା ଷ୍ଟାଇଲ ବଜାରରୁ ଶପିଂ କରିବାକୁ ବାଇକ୍ ରଖି ଯାଇଥିଲେ। ପ୍ରାୟ ଅଧଘଣ୍ଟାଏ ପରେ ଫେରିବା ବେଳେ ପାର୍କିଂସ୍ଥଳୀରେ ତାଙ୍କ ବାଇକ(ନଂ.ଓଡି ୧୩ଏଚ୍ ୯୩୦୩) ନ ଥିବା ଦେଖିବାକୁପାଇଥିଲେ। ଆଖପାଖ ଅଞ୍ଚଳରେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ସୁମିତ ଥାନାର ଦ୍ୱାରସ୍ଥ ହୋଇଥିଲେ।

## କିଲିମାଞ୍ଜାରୋ ଶିଖର ଛୁଇଁଲେ ଚିନ୍ମୟ

ପୁରୀ ଅଫିସ,୧୦।୬:

ପୁରୀ ରଘୁରାଜପୁରର ଯୁବ ପର୍ବତାରୋହୀ ଚିନ୍ମୟ ମହାରଣା ଦକ୍ଷିଣ ଆଫ୍ରିକାର ତାଞ୍ଜାନିଆଠାରେ ଥିବା ସର୍ବୋଚ୍ଚ ପର୍ବତ କିଲିମାଞ୍ଜାରୋ ଶିଖର ଛୁଇଁଛନ୍ତି। ୫,୮୯୫ ମିଟର ତଥା ୧୯,୩୪୧ ଫୁଟର ଏହି ପର୍ବତକୁ ଆରୋହଣ କରିବା ପରେ ଶିଖରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାଗାର୍ଜୁନ ବେଶର ପଟଚିତ୍ର ଓ ତ୍ରିରଙ୍ଗାକୁ ଉଡ଼ାଇଥିଲେ। ରାଜ୍ୟ ସରକାର, ଜିଲା ପ୍ରଶାସନ ଏବଂ ଓଡ଼ିଶା ଖଣି ନିଗମ ପକ୍ଷରୁ ତାଙ୍କୁ ସହଯୋଗ କରାଯାଇଥିବାରୁ ଚିନ୍ମୟ କୃତଜ୍ଞତା ଜଣାଇଛନ୍ତି। ସେ ରାଜ୍ୟର ଆଡଭେଞ୍ଚର କ୍ରୀଡ଼ା ଅନୁଷ୍ଠାନ 'ଆଶା'ର ସଦସ୍ୟ ଥିବାବେଳେ ଅନେକ ଦୁଃସାହସିକ ପର୍ବତ ଆରୋହଣ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଚିନ୍ମୟ କିଲିମାଞ୍ଜାରୋ ପର୍ବତ ଆରୋହଣ କରିବାରେ ସଫଳ ହୋଇଥିବାରୁ ତାଙ୍କ ଗୁରୁ ତଥା ଅନ୍ତର୍ଜାତୀୟ ପର୍ବତାରୋହୀ ଗଣେଶ ଚନ୍ଦ୍ର ପ୍ରଧାନ, ଆଶା ସଦସ୍ୟ ସସ୍ମିତା ପ୍ରଧାନ, ଅନୀତା ସ୍ୱାଇଁ ପ୍ରମୁଖ ଅଭିନନ୍ଦନ ଜଣାଇଥିଲେ। ଉଲ୍ଲେଖଥାଉ କି, ପୂର୍ବରୁ ଚିନ୍ମୟ ହିମାଚଳ ପ୍ରଦେଶର ସେତଧାରା, ମନାଲିର ଲାମ୍ବାଡୁଗ, ରାଣୀସୁଇ, ଲଦାଖର ଷ୍ଟକ୍ କାଙ୍ଗ୍ରି, ହିମାଳୟ କିଙ୍କିମର ପାଲୁଙ୍ଗ-୨ ଓ ୟୁନମ, ଉତ୍ତର କାଶୀର ଦରୱା ଓ ରୁଦ୍ରୁ ଗଇରା ଶିଖରକୁ ସଫଳତାର ସହ ଅତିକ୍ରମ କରିଥିଲେ।

**ଜଗନ୍ନାଥଙ୍କ ପଟଚିତ୍ର ପ୍ରଦର୍ଶନ କଲେ**




## ସଚେତନତା, ସତର୍କତା ରୋକିବ ଧନ ଜୀବନ ହାନି

ପୁରୀ ଅଫିସ, ୧୦।୬:

ସଚେତନତା ଓ ସତର୍କତା ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ସହ ଧନ ଜୀବନ ହାନିକୁ ରୋକାଯାଇପାରିବ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଛନ୍ତି। ଶୁକ୍ରବାର ପୁରୀ ଟାଉନ ହଲରେ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିପର୍ଯ୍ୟୟ ମୁକାବିଲା ପାଇଁ ମକଡ୍ରିଲ ଆୟୋଜନ ସଂକ୍ରାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ସାହୁ ଅଧ୍ୟକ୍ଷତା କରିଥିଲେ। ପୁରୀ ବାତ୍ୟା ଓ ବନ୍ୟାପ୍ରବଣ ଜିଲା ହୋଇଥିବାରୁ ସମସ୍ତ ବିଭାଗ ସହ ଲୋକପ୍ରତିନିଧି, ସ୍ୱେଚ୍ଛାସେବୀଙ୍କ ସମନ୍ୱୟ ଜରୁରୀ। ଆଗୁଆ ପାଣିପାଗ ସୂଚନା ପାଇବା, ଲୋକଙ୍କୁ ସଚେତନ କରାଇବା, ବିପର୍ଯ୍ୟୟ ମୁକାବିଲା ପାଇଁ ଉପଯୁକ୍ତ ଉପକରଣ ପୂର୍ବରୁ ପ୍ରସ୍ତୁତ ରଖିବା, ଖାଦ୍ୟ, ଔଷଧ, ପାନୀୟଜଳ, ଅସ୍ଥାୟୀ ଆଶ୍ରୟସ୍ଥଳ ବ୍ୟବସ୍ଥା, ରାସ୍ତାରେ ପଡ଼ିଥିବା ଗଛ ଇତ୍ୟାଦିକୁ ତୁରନ୍ତ ହଟାଇବା ଇତ୍ୟାଦି ଉପରେ ସାହୁ ଗୁରୁତ୍ୱ ଦେଇଥିଲେ। ବିପର୍ଯ୍ୟୟର କାରଣ, ନିରାକରଣ, ପ୍ରତ୍ୟେକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ୧୮ ତାରିଖରେ ସମସ୍ତ ବ୍ଲକ୍ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଓ ୧୯ ତାରିଖରେ ମକ୍ ଡ୍ରିଲ ଅନୁଷ୍ଠିତ ହେବ। ବୈଠକରେ ଜିଲା ଜରୁରିକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର, ଏଡିଏମ୍‌ଓ, କୃଷି ଉପନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ବ୍ଲକ୍‌ର ବିଡିଓ, ତହସିଲଦାର, ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## 'ମହାପ୍ରଭୁଙ୍କ ସେବା ମଣି କାର୍ଯ୍ୟ କରନ୍ତୁ ସ୍ୱେଚ୍ଛାସେବୀ'

ପୁରୀ ଅଫିସ, ୧୦।୬:

ଚଳିତ ବର୍ଷ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କ ସହଯୋଗ ଲୋଡ଼ିଛି ଜିଲା ପ୍ରଶାସନ। ଏ ନେଇ ଶୁକ୍ରବାର ସଦଭାବନା ସଭାଗୃହରେ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକର କର୍ମକର୍ତ୍ତାଙ୍କ ସହ ପ୍ରଶାସନର ଏକ ବୈଠକ କରିଛି। ଏଥିରେ ଅତିରିକ୍ତ ଜିଲାପାଳ (ସ୍ୱତନ୍ତ୍ର ଭୂଅର୍ଜନ) କୈଳାସ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଯୋଗଦେଇ ସ୍ୱେଚ୍ଛାସେବୀମାନେ ସେମାନଙ୍କ ଦକ୍ଷତା ଅନୁସାରେ ସେବା କାର୍ଯ୍ୟରେ ବ୍ରତୀ ହେବାକୁ ଅନୁରୋଧ କରିଥିଲେ। ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କୁ ସେମାନଙ୍କ ପୂର୍ବ ଅଭିଜ୍ଞତା ଓ ଦକ୍ଷତା ଅନୁସାରେ କାର୍ଯ୍ୟ କରିବାକୁ ବିଭାଗ ବଣ୍ଟନ କରାଯାଇଛି। ପ୍ରତ୍ୟେକ ସ୍ୱେଚ୍ଛାସେବୀ ସଂସ୍ଥା ସମସ୍ତ ସେବାକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ପ୍ରାୟ ମଣି କାର୍ଯ୍ୟ କରିବେ ବୋଲି ମତ ଦେଇଥିଲେ। ଏହି ବୈଠକରେ ଉପଜିଲାପାଳ ଭବତାରଣ ସାହୁ, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ଘୋଷ, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ଡେପୁଟି କଲେକ୍ଟର ରଞ୍ଜନ କୁମାର ବେହେରା, ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥାର ପ୍ରତିନିଧି ଉପସ୍ଥିତ ଥିଲେ।

## ୨୦ରୁ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ଜାତୀୟ କୃଷି ଓ ଲୋକ ମେଳା

ପୁରୀ ଅଫିସ, ୧୦।୬:

ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚରେ ୨୦ତମ ଲୋକମେଳା ଓ ୧୩ତମ କୃଷି ମେଳା ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ସର୍କିଟ ହାଉସରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିବା ସହ ପ୍ରତ୍ୟେକ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବାକୁ ପରାମର୍ଶ ଦେଇଥିଲେ। ଆଇନଶୃଙ୍ଖଳା, ପାନୀୟ ଜଳ ଓ ପରିମଳ, ସ୍ୱାସ୍ଥ୍ୟ, ଅଗ୍ନି ନିର୍ବାପକ, ବିଦ୍ୟୁତ, ବ୍ୟାରିକେଡ଼, ପରିବହନ ଓ ବିଭିନ୍ନ ବିଭାଗର ପ୍ରଦର୍ଶନୀ ମଣ୍ଡପ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶ୍ରୀକ୍ଷେତ୍ର ସୂଚନାର ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ, ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି, ଉତ୍ସବ କମିଟି ସଭାପତି ବଦ୍ରି ମିଶ୍ର, ଉପଦେଷ୍ଟା ଭଗବାନ ଜୟସିଂ, କାର୍ଯ୍ୟକାରୀ ଅଧ୍ୟକ୍ଷ ଚକ୍ରଧର ମହାପାତ୍ର, ମୁଖ୍ୟ ସଂଯୋଜକ ହେକ୍ଟର ମିଶ୍ର, ଉତ୍ସବ କମିଟି ଉପାଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ଦାସ, କୋଷାଧ୍ୟକ୍ଷ ନାରାୟଣ ପାତ୍ର, ସାଂସ୍କୃତିକ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ଏବଂ ବିଭିନ୍ନ ବିଭାର ଅଧିକାରୀ ଉପସ୍ଥିତ ଥିଲେ।

## ବୁକିଂ ସରିଲାଣି ସବୁ ଲଜ୍, ହୋଟେଲ

ପୁରୀ ଅଫିସ,୧୦।୬:

- ଧାର୍ଯ୍ୟ ଭଡ଼ାଠାରୁ ନିଆଯାଉଛି ଅଧିକ ଅର୍ଥ
- ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ, ପ୍ରଶାସନ ଚୁପ୍

ଆଗକୁ ସ୍ନାନଯାତ୍ରା ଓ ରଥଯାତ୍ରା ଥିବାବେଳେ ଏବେଠାରୁ ପୁରୀରେ ଥିବା ଲଜ୍ ଓ ହୋଟେଲର ରୁମ୍ ସବୁ ବୁକିଂ ସରିଲାଣି। ରହିବାକୁ ରୁମ୍ ମିଳୁ ନ ଥିବାରୁ ଯାତ୍ରୀ ହଇରାଣ ହେଉଛନ୍ତି। ମଧ୍ୟସ୍ଥଙ୍କୁ କମିଶନ ଦେଇ ରୁମ୍ ଯୋଗାଡ଼ କରିବାକୁ ପଡୁଛି। ସ୍ନାନଯାତ୍ରା ପାଇଁ ପୁରୀ ସହରର ଅଧିକାଂଶ ହୋଟେଲର ରୁମ୍ ସବୁ ବୁକ୍ ସରିଛି। ଯେଉଁ ରୁମ୍‌ର ଦାମ୍ ଦିନକୁ ୨ହଜାର ଟଙ୍କା ଥିଲା, ତାହା ୪ହଜାର ଟଙ୍କା ଛୁଇଁଲାଣି। ଅନଲାଇନ୍‌ରେ ହୋଟେଲ ରୁମ୍ ଖାଲି ଥିବା ଦେଖିବାକୁ ମିଳୁନାହିଁ। ଅଧିକାଂଶ ହୋଟେଲ କେବଳ ଅଫଲାଇନ୍ ବ୍ୟବସ୍ଥା କରି ଯାତ୍ରୀଙ୍କଠାରୁ ମନଇଚ୍ଛା ଭଡ଼ା ନେଉଛନ୍ତି। ସେହିଭଳି ବଡ଼ଦାଣ୍ଡ ଦୁଇ ପାର୍ଶ୍ୱରେ ଥିବା ଲଜ୍ ଅତ୍ୟାଧୁନିକ ସୁବିଧା ବିଶିଷ୍ଟ ରୁମ୍‌ଠାରୁ ଅଧିକ ଟଙ୍କା ନେବା ଆରମ୍ଭ କଲେଣି। ବିନା ଶୀତତାପ ନିୟନ୍ତ୍ରିତ ରୁମ୍ ପାଇଁ ଅଢ଼େଇ ହଜାର ଓ ଶୀତତାପ ନିୟନ୍ତ୍ରିତ ରୁମ୍‌କୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ନିଆଯାଉଛି। ଏଭଳି ସ୍ଥିତିରେ ପୁରୀ ଆସୁଥିବା ଭକ୍ତ ହଇରାଣ ହେଉଥିଲେ ମଧ୍ୟ ନିରୂପାୟ। କେବଳ ସ୍ନାନଯାତ୍ରା ଦିନ ପାଇଁ ରୁମ୍ ବୁକ୍ ଉପରେ ବହୁ ଅଧିକ ଭଡ଼ା ନିଆଯାଉଛି। ଅନ୍ୟପକ୍ଷରେ ଯାତ୍ରୀଙ୍କୁ ନୀଳାଦ୍ରି, ନୀଳାଚଳ ଓ ଶ୍ରୀଗୁଣ୍ଡିଚା ଭକ୍ତନିବାସ ସମସ୍ତ ମୌଳିକ ସୁବିଧା ଯୋଗାଇ ପାରୁନାହିଁ। ସେହିପରି କେତେକ ହୋଟେଲ ଓ ଲଜ୍‌ରେ ମଧ୍ୟ ମୌଳିକ ସୁବିଧା ମିଳୁନାହିଁ। ପାନୀୟଜଳ ସୁବିଧା ନ ଥିବାବେଳେ ଟିଭି ଚାଲୁ ନାହିଁ କି ରୁମ୍ ସର୍ଭିସ୍ ମିଳୁ ନାହିଁ। ବଲାଙ୍ଗୀରର ପ୍ରିୟତୋଷ ପ୍ରଧାନ ଅଭିଯୋଗ କରିଛନ୍ତି, ଶ୍ରୀମନ୍ଦିର ଚାରିପଟେ ଅନେକ ଲଜିଂ ଦୁଇ/ତିନିଗୁଣା ଟଙ୍କା ନେଉଛନ୍ତି, କିନ୍ତୁ ଉପଯୁକ୍ତ ସୁବିଧା ଯୋଗାଉନାହାନ୍ତି। କେହି ସମସ୍ୟା ଶୁଣୁନାହାନ୍ତି। ପ୍ରଶାସନ ମଧ୍ୟ ଚୁପ୍ ବସୁଛି। ଅନ୍ୟପକ୍ଷରେ ଏ ନେଇ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି, ପୁରୀ ପୋଲିସ ଏକ ଟିମ୍ ଗଠନ କରିଛି। ହୋଟେଲରେ ଯାତ୍ରୀଙ୍କ ସୁବିଧା ଦିଗରେ ଧ୍ୟାନ ଦେବା ପାଇଁ ହୋଟେଲ କର୍ତ୍ତୃପକ୍ଷମାନଙ୍କୁ କୁହାଯାଉଛି। ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସୁଚାରୁରୂପେ ଦାୟିତ୍ୱ ସମ୍ପାଦନ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୬(ବ୍ୟୁରୋ)


ରଥଯାତ୍ରା ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ଅନ୍ୟମାନେ।

**ରଥଯାତ୍ରା ସମୀକ୍ଷା ବୈଠକ**

ଚଳିତ ବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବରେ ସମ୍ପାଦନ କରିବା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ତଥା କର୍ମଚାରୀମାନେ ନିଷ୍ଠାପର ଭାବରେ ନିଜର ଦାୟିତ୍ୱ ସମ୍ପନ୍ନ କରିବାକୁ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ପୂର୍ବାହ୍ନରେ ମନ୍ତ୍ରୀ ରଥଯାତ୍ରା ଉପଲକ୍ଷେ ବିଭାଗ ପକ୍ଷରୁ ନିର୍ଦ୍ଧାରିତକାର୍ଯ୍ୟକ୍ରମଗୁଡ଼ିକରସଫଳରୂପାୟନ ଉପରେ ଗୁରୁତ୍ୱ ଦେଇ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଶୃଙ୍ଖଳିତ ଓ ସରସସୁନ୍ଦର କରିବାରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଦାୟିତ୍ୱଗୁଡ଼ିକ ବାବଦରେ ସଚେତନ ହୋଇ ସଫଳ ସମ୍ପାଦନରେ ଅଧିକାରୀ ତଥା କର୍ମଚାରୀମାନେ ପ୍ରତିବଦ୍ଧ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରଥଯାତ୍ରାର ବିଶ୍ୱ ପ୍ରସିଦ୍ଧିକୁ ଦୃଷ୍ଟିରେ ରଖି ପ୍ରଚାର, ବିଜ୍ଞାପନ ଓ ପ୍ରଦର୍ଶନୀ ଇତ୍ୟାଦି ନେଇ ବିଶେଷ ଗୁରୁତ୍ୱ ଦେବାକୁ ମନ୍ତ୍ରୀ କହିଥିଲେ। ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସମୀକ୍ଷା ବୈଠକରେ ଯୋଗଦେଇ ସାମାଜିକ ଗଣମାଧ୍ୟମରେ ବିଭାଗୀୟ କାର୍ଯ୍ୟକ୍ରମଗୁଡ଼ିକର ବ୍ୟାପକ ପ୍ରସାର ପାଇଁ ପରାମର୍ଶ ଦେବା ସହିତ ଶ୍ରୀଜଗନ୍ନାଥଙ୍କ ମହିମା ସମ୍ବଳିତ ବିଭିନ୍ନ କିମ୍ବଦନ୍ତୀ, ଲୋକକଥା, ତଥ୍ୟର ପ୍ରଚାର ଉପରେ ବିଭାଗ ଗୁରୁତ୍ୱ ଦେବ ବୋଲି ଉଲ୍ଲେଖ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ବିଭାଗ ତରଫରୁ ହେବାକୁ ଥିବା କାର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ। ଦୂରଦର୍ଶନ ଜରିଆରେ ସିଧା ପ୍ରସାରଣ, ଅନ୍ୟାନ୍ୟ ବୈଦ୍ୟୁତିକ ଗଣମାଧ୍ୟମକୁ ଲାଇଭ୍ କମନ୍ ଫିଡ୍ ଯୋଗାଣ, ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ, ଖବରଦାତାମାନଙ୍କ ଗସ୍ତ, ସମ୍ମାନନୀୟ ଅତିଥିମାନଙ୍କ ପରିଚୟ, ବିଭିନ୍ନ ପ୍ରକାଶନର ରଥଯାତ୍ରା ବିଶେଷାଙ୍କ ବିକ୍ରୟ, ଫଟୋଚିତ୍ର ପ୍ରଦର୍ଶନୀ, ବିଜ୍ଞାପନ ପ୍ରସାରଣ ସହିତ ହୋର୍ଡିଂ ବ୍ୟବସ୍ଥା ଇତ୍ୟାଦି ପ୍ରସଙ୍ଗ ଉପରେ ନିର୍ଦ୍ଦେଶକ ତ୍ରିପାଠୀ ଅବଗତ କରାଇଥିବା ବେଳେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଲେନିନ୍ ମହାନ୍ତି ରଥଯାତ୍ରା ଦିନ ଉଭୟ ପତ୍ରିକାର ବିଶେଷାଙ୍କ ସଂଖ୍ୟା ଲୋକାର୍ପିତ ହେବ ବୋଲି ଉଲ୍ଲେଖ କରିଥିଲେ।

ଏହି ସମୀକ୍ଷା ବୈଠକରେ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଯୁଗ୍ମ ସଚିବ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କ ସମେତ ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ, କ୍ଷେତ୍ରୀୟ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ। ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ କାଟ, ଲୋଭୋଲ୍ଟେଜ ସମସ୍ୟା ଦୂର ପାଇଁ ଦାବି

**ଜଟଣୀ,୧୦।୬(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ଏବଂ ଲୋଭୋଲ୍ଟେଜ ସମସ୍ୟା ଦୂରୀକରଣ ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଛି। ରାଜ୍ୟ ମହିଳା ସୁରକ୍ଷା ସଙ୍ଗଠନର ସଭାନେତ୍ରୀ ଗୀତାଞ୍ଜଳି ସେଠୀଙ୍କ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଜଟଣୀ ପୌରାଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ଛାତ୍ରୀଛାତ୍ରମାନେ ପାଠ ପଢ଼ିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋଭୋଲ୍ଟେଜ ଯୋଗୁ ଘରର ବିଭିନ୍ନ ବିଦ୍ୟୁତ୍ ଉପକରଣ ଖରାପ ହେବା ସହ ଫ୍ୟାନ୍ ବୁଲୁନାହିଁ। ବୃଦ୍ଧା, ବୃଦ୍ଧ ଓ ରୋଗୀମାନେ ବିଶେଷଭାବେ ହଇରାଣ ହେଉଛନ୍ତି। ନୂତନ ଟ୍ରାନ୍ସଫର୍ମର ବସାଇବା ଲାଗି ସ୍ଥାନୀୟ ବିଦ୍ୟୁତ୍ କାର୍ଯ୍ୟାଳୟରେ ଦବି କରାଯାଉଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରାଯାଇଥିବା ସଙ୍ଘର ସଭାନେତ୍ରୀ କହିଛନ୍ତି।

### ୭୫ ୟୁନିଟ୍ ରକ୍ତ ସଂଗ୍ରହ

**ବୋଲଗଡ଼,୧୦।୬(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗେଡ଼ିଆପଲ୍ଲୀ ପଞ୍ଚାୟତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୭୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଖୋର୍ଦ୍ଧା ଜିଲା କାର୍ଯ୍ୟାଳୟର ଅଧିକାରୀ ସୌରଭ ରଞ୍ଜନ ରାୟ, ଲାବ୍ ଟେକ୍ନିସିଆନ ଅରୁଣ କୁମାର ସାହୁ, ଅନିରୁଦ୍ଧ ସ୍ୱାଇଁ, ଷ୍ଟାଫ୍ନର୍ସ ଝାନ୍ସିରାଣୀ ପାତ୍ର, ସାମାଜିକ କର୍ମୀ ଯୋଗେଶ୍ୱର ପଣ୍ଡା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଏହି ଅବସରରେ ଏକ ସଚେତନତା ସଭାରେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦୁର୍ଗାପ୍ରସାଦ ଜେନା, ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ, ସମିତି ସଭ୍ୟ ରଞ୍ଜନ କୁମାର ପଣ୍ଡା, ପୂର୍ବତନ ସମିତି ସଭ୍ୟ ବଂଶୀଧର ପ୍ରଧାନ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଆଶୁତୋଷ ମହାନ୍ତି ପ୍ରମୁଖ ରକ୍ତଦାନର ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ। ଖଗେଶ୍ୱର ମାର୍ଥା, ରାଜୀବ ଲୋଚନ ସାହୁ, ଆଲୋକ ତ୍ରିପାଠୀ, ଦୁର୍ଗାପ୍ରସାଦ ସେନାପତି, ସସ୍ମିତା ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

### ଭାଜପା ଜିଲା ଓବିସି ମୋର୍ଚ୍ଚାର ବୈଠକ

**ପୁରୀ ଅଫିସ, ୧୦।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷ ତଥା ସମୁଦାୟ ୮ ବର୍ଷ ପୂର୍ତ୍ତି ଉପଲକ୍ଷେ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ପୁରୀ ଜିଲା ଭାଜପା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର କୁମ୍ଭାରପଡ଼ା ବାଡ଼ା ସାହି ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଭାଜପା ଜିଲା ଓବିସି ମୋର୍ଚ୍ଚା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ଓବିସି ମୋର୍ଚ୍ଚା ପୁରୀ ପ୍ରଭାରୀ ପ୍ରଶାନ୍ତ ନାୟକ, ଜିଲା ସାଧାରଣ ସମ୍ପାଦକ ଉମା ନାୟକ, ଜିଲା ଓବିସି ମୋର୍ଚ୍ଚା ସଭାପତି ଦେବ ପ୍ରସାଦ ସ୍ୱାଇଁ, ସାଧାରଣ ସମ୍ପାଦକ ଅଜୟ ଦାସ, ସଚ୍ଚିଦାନନ୍ଦ ବିଶୋଇ ଯୋଗଦେଇଥିଲେ।

# ପାଇକ ସ୍ମାରକୀ ସ୍ଥଳ ପାଲଟିଛି ଡମ୍ପିଂ ୟାର୍ଡ

- ଆଜି ପରିଦର୍ଶନ କରିବେ କେନ୍ଦ୍ରମନ୍ତ୍ରୀ
- ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ, ତହସିଲଦାର

**ଖୋର୍ଦ୍ଧା ଅଫିସ,୧୦।୬**

ଖୋର୍ଦ୍ଧା ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨୦୧୯ ଡିସେମ୍ବର ୮ରେ ଶିଳାନ୍ୟାସ କରିଥିଲେ। ବର୍ତ୍ତମାନ ସୁଦ୍ଧା ଏହି ପ୍ରସ୍ତାବିତ ସ୍ମାରକୀ ନିର୍ମାଣ ସ୍ଥଳରେ ଇଟା ଖଣ୍ଡେ ପଡ଼ିପାରିଲା ନାହିଁ। ଅନ୍ୟପଟେ ଏହି ନିର୍ମାଣ ସ୍ଥଳ ଏବେ ଡମ୍ପିଂ ୟାର୍ଡ ପାଲଟିଛି। ଅନାବନା ଗଛଲତା ମାଡ଼ିବା ସହ ନିକଟ ଶିଳ୍ପାଞ୍ଚଳରୁ ଅଜୈବିକ ପଦାର୍ଥ, ଘରୋଇ ଅନୁଷ୍ଠାନ ଏବଂ ଘରୁ ବାହାରୁଥିବା ଅଳିଆ ଆବର୍ଜନା ଏଠାରେ ଗଦା ହେଉଛି। ଏ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ସ୍ଥଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ତହସିଲଦାର ଇପ୍ସିତ ସାହୁ ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ। ପ୍ରସ୍ତାବିତ ଜମିର ନକ୍ସାକୁ ଅନୁଧ୍ୟାନ କରିବା ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

ପ୍ରକାଶ ଯେ, ପାଇକ ବିଦ୍ରୋହର ଦ୍ୱି ଶତବାର୍ଷିକୀ ଅବସରରେ ୨୦୧୭ ରେ ଦେଶବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏକବର୍ଷ ବ୍ୟାପୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ବିଭିନ୍ନ ସଭାସମିତି, ଆଲୋଚନାଚକ୍ର, କର୍ମଶାଳା ଆଦି ଆୟୋଜନ ହୋଇଥିଲା। ୨୦୧୯ରେ ରାଷ୍ଟ୍ରପତି ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଲାଗି ଶୁଭ ଦେଇଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ୨ଶହ କୋଟି ଟଙ୍କା ଯୋଗାଇ ଦିଆଯାଇଥିଲା। ଅଏଲ ଇଣ୍ଡିଆ ଫାଉଣ୍ଡେଶନ ଏହାର ନିର୍ମାଣ ଦାୟିତ୍ୱରେ ରହିଛି। ସେହି ସମୟରେ କେନ୍ଦ୍ର ରାଜ୍ୟ ସରକାରଙ୍କୁ ୫୦ ଏକର ଜମି ମାଗିଥିଲେ। ଏଥିଲାଗି ରାଜ୍ୟ ସରକାର ୧୦ ଏକର ଜମି ଯୋଗାଇ ଦେଇଥିଲେ। ଜମି ହସ୍ତାନ୍ତର ପ୍ରକ୍ରିୟାରେ ବିଳମ୍ବ ଯୋଗୁ ସ୍ମାରକୀ ନିର୍ମାଣରେ ବିଳମ୍ବ ନେଇ ବିବାଦ ମୁଣ୍ଡ ଟେକିଥିଲା। ପରବର୍ତ୍ତୀ ସମୟରେ ପ୍ରସ୍ତାବିତ ଜମିର ଅଧାଧିକ ଜମିରେ ଘରୋଇ ଶିଳ୍ପସଂସ୍ଥା ଏବଂ ଶିକ୍ଷାନୁଷ୍ଠାନ ଜବରଦଖଲରେ ରହିଥିବା ନେଇ ବିବାଦ ହୋଇଥିଲା। ଏନେଇ ବିଭିନ୍ନ ମହଲରେ ଦାବି ଉପସ୍ଥାପନ ପରେ ଜିଲା ପ୍ରଶାସନ ପକ୍ଷରୁ ଜମି ମାପଚୁପ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଜମି ଘରୋଇ ଶିଳ୍ପସଂସ୍ଥା ଓ ଶିକ୍ଷାନୁଷ୍ଠାନ ପରିବର୍ତ୍ତେ ଜଙ୍ଗଲ ବିଭାଗ ଅଧୀନରେ ରହିଥିବା ଜଣାପଡିଥିଲା। ପୁଣିଥରେ ଜିଲା ପ୍ରଶାସନ ପକ୍ଷରୁ ମାପଚୁପ ବେଳେ ପ୍ରସ୍ତାବିତ ଜମି ଜଙ୍ଗଲ ବିଭାଗର ନୁହଁ ବରଂ ରାଜସ୍ୱ ବିଭାଗର ବୋଲି ଜିଲାପାଳ ସ୍ପଷ୍ଟ କରିଛନ୍ତି। ଏବେ ଜମି ବିବାଦ ତୁଟିଥିବା ବେଳେ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣରେ ବିଳମ୍ବ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ଆରମ୍ଭ ଲାଗି ଓଡ଼ିଶା ବୀର ମହାସଂଘ, କଳିଙ୍ଗ ପାଇକ ସଙ୍ଗଠନ, ପାଇକ ଏକାଡେମୀ, ଓଡ଼ିଶା ପାଇକ ମହାସଂଘ ଆଦି ସଙ୍ଗଠନ ଦାବି କରିଛନ୍ତି।



ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ସ୍ଥଳରେ ଗଦା ହୋଇଥିବା ଅଳିଆ ଆବର୍ଜନା।

## ମାଙ୍କଡ଼ା ପଥର ଖଣିରେ ଚଢ଼ାଉ, ୭ ଗାଡ଼ି ଜବତ

**ନିରାକାରପୁର,୧୦।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା କମାଗୁରୁ, ଜଙ୍କିଆ, ଗୋଳବାଇ, ଅଚ୍ୟୁତପୁର ରାଜସ୍ୱ ବିଭାଗ ଅଧୀନ ଅଞ୍ଚଳରେ ବେଆଇନ ଭାବେ ମାଙ୍କଡ଼ା ପଥର ଓ କଳାମୁଗୁନି ପଥର ଚାଲାଣ କରାଯାଉଛି। ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ବଢ଼ିଚାଲିଛି। ଜଙ୍କିଆ ଥାନାଧିକାରୀ ଦିଗ୍ବିଜୟ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଗଠନ କରାଯାଇ ଡମଣଭୂଇଁ, ଗୟାବନ୍ଧ, ରମାବିଲି ଅଞ୍ଚଳର ବିଭିନ୍ନ ଖଣିରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଗୋଟିଏ ପାୱାରଟିଲର, ୩ଟି ଟ୍ରକ୍, ଟ୍ରାକ୍ଟର ସମେତ କଳାମୁଗୁନି ପଥର ବୋଝେଇ ୨ଟି ଡମ୍ଫର ଓ ଏକ ହାଇୱା ଜବତ କରାଯାଇଛି। ପ୍ରକାଶ ଯେ, କିଛିଦିନ ପୂର୍ବେ ମାଙ୍କଡ଼ା ପଥର ଚୋରା ଚାଲାଣ ବେଳେ ନୂଆ ଜଗନ୍ନାଥ ସଡ଼କରେ ଜଣେ ଖବରଦାତା ଫଟୋ ଉତ୍ତୋଳନ କରୁଥିଲେ। କେତେଜଣ ଦୁର୍ବୃତ୍ତ ପହଞ୍ଚି ସମ୍ପୃକ୍ତ ଖବରଦାତାଙ୍କୁ ଧମକ ଦେବା ସହିତ ମୋବାଇଲ ଛଡ଼ାଇ ନେଇଥିଲେ।

# ଜିଲାକୁ ଶିଶୁ ଶ୍ରମିକମୁକ୍ତ ପାଇଁ ଆହ୍ୱାନ



କର୍ମଶାଳାରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅନ୍ୟ ଅଧିକାରୀ।

**ଶିଶୁ ଶ୍ରମିକ ନିରାକରଣ ସଚେତନତା କର୍ମଶାଳା**

**ଖୋର୍ଦ୍ଧା ଅଫିସ,୧୦।୬**

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଜିଲା ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା କର୍ମଶାଳା ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ଅତିରିକ୍ତ ଜିଲାପାଳ(ଭୁବନେଶ୍ୱର) ପ୍ରଫୁଲ୍ଲ କୁମାର ସ୍ୱାଇଁ, ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଦୀପ୍ତ କୁମାର ମହାପାତ୍ର, ପରାମର୍ଶଦାତା ଡା. ବି.ବି. ଆଚାର୍ଯ୍ୟ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଜିଲାପାଳ ମହାପାତ୍ର କହିଥିଲେ ଯେ, ରାଜ୍ୟ ସରକାର ଶିଶୁ ଶ୍ରମିକମୁକ୍ତ ଓଡ଼ିଶା ଲାଗି ଗୁରୁତ୍ୱ ଦେଉଛନ୍ତି। ତେଣୁ ଖୋର୍ଦ୍ଧା ଜିଲାକୁ ଶିଶୁ ଶ୍ରମିକମୁକ୍ତ ଲାଗି ସମସ୍ତେ ସଙ୍କଳ୍ପ ନେବାକୁ ସେ ଆହ୍ୱାନ କରିଥିଲେ। ଶିଶୁଙ୍କୁ ଶ୍ରମିକ ଭାବେ କାମରେ ନିୟୋଜିତ କରିବା ଏକ ଦଣ୍ଡନୀୟ ଅପରାଧ। ଶିଶୁ ଶ୍ରମିକ ପ୍ରଥା ସମାଜରେ ଏକ କଳୁଷିତ ବାତାବରଣ ସୃଷ୍ଟି କରୁଛି। ଏଥିପ୍ରତି ପ୍ରତ୍ୟେକ ବ୍ୟକ୍ତି ସଚେତନ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଯୁଗ୍ମ ଶ୍ରମ ଆୟୁକ୍ତ ମହାପାତ୍ର କହିଥିଲେ,୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି କାମରେ ନିୟୋଜିତ କରାଯାଇପାରିବ ନାହିଁ। ୧୫ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦସଙ୍କୁଳ କାମରେ ନିୟୋଜନକୁ ବାରଣ କରାଯାଉଛି। ଏପରି କାମ କରାଉଥିବା ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ଯଦି କୌଣସି ସ୍ଥାନରେ ଏହା ଦୃଷ୍ଟିଗୋଚର ହେଲେ ଜିଲାର ଶ୍ରମ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲାପାଳଙ୍କୁ ଅବଗତ କରାନ୍ତୁ। ଏତଦ୍ ବ୍ୟତୀତ ନିଃଶୁଳ୍କ ଶ୍ରମିକ ସହାୟତା ହେଲ୍ପଲାଇନ ନଂ.୧୫୫୩୬୮ ଏବଂ ଚାଇଲ୍ଡଲାଇନ ନଂ.୧୦୯୮କୁ ଯୋଗାଯୋଗ କରନ୍ତୁ। ଶିଶୁ ଶ୍ରମିକମୁକ୍ତ ପାଇଁ ସମ୍ମିଳିତ ଉଦ୍ୟମ ଜରୁରୀ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶ୍ରମ ବିଭାଗର ପ୍ରଭାକର ବିଶ୍ୱାଳ, ଏଏଲଓ ମୋନାଲିସା ଜେନା, ରଶ୍ମିତା ପାତ୍ର, ପ୍ରଜ୍ଞା ପାରମିତା ସାହୁ, ବିକାଶ କୁମାର ନାୟକ, କାଳୀପୁତ୍ର ପ୍ରସାଦ, ଚନ୍ଦନ ମାଝି, ଲମ୍ବୋଦର ରାଉତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଟ୍ରେଡ୍ ୟୁନିୟନ ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନ, ଶିଳ୍ପସଂସ୍ଥା କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୫୪ ଗ୍ରାମ ବ୍ରାଉନସୁଗାର ଜବତ: ୩ ଗିରଫ

**ପୁରୀ ଅଫିସ, ୧୦।୬**

ବ୍ରାଉନସୁଗାର କାରବାର ଅଭିଯୋଗରେ ୩ଜଣଙ୍କୁ ଶୁକ୍ରବାର ବଳିଆପଣ୍ଡା ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଠକଟା ବେହେରା ସାହିର ଟୁନା ମହାପାତ୍ର, କୁମ୍ଭାରପଡ଼ା ଥାନା ଅଧୀନ ପତିତପାବନ ଲେନ୍‌ର ସୁକାନ୍ତ ଦଳାଇ ଏବଂ ବାଘଆଖଡ଼ା ଲେନ୍‌ର ଭିକି ପ୍ରଧାନ। ଏମାନଙ୍କଠାରୁ ୫୪ ଗ୍ରାମ ବ୍ରାଉନ ସୁଗାର, ଗୋଟିଏ କଇଁଚି, କିଛି କାଗଜ, ଗୋଟିଏ ଓଜନ ମେଶିନ, ୩ ମୋବାଇଲ ଫୋନ ଏବଂ ୮୩୧୫ ଟଙ୍କା ଜବତ କରାଯାଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୭୭/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, ଶୁକ୍ରବାର ସକାଳ ପ୍ରାୟ ୮ଟା ୪୦ରେ କଳିଙ୍ଗ ବିହାର ମାତାମଠ ରାସ୍ତା ପାର୍ଶ୍ୱ ଏକ ପରିତ୍ୟକ୍ତ ଘରେ ବ୍ରାଉନ ସୁଗାର ବେପାର ହେଉଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା।

# ୧୪ରୁ ଶ୍ରୀକ୍ଷେତ୍ର ରଜ ମହୋତ୍ସବ

**ପୁରୀ ଅଫିସ, ୧୦।୬**

ମାର୍କଣ୍ଡେଶ୍ୱର ସାହିସ୍ଥିତ ବୁଢ଼ୀମା' ତୋଟାରେ ପଣ୍ଡା ଯାଗା ଆନୁକୂଲ୍ୟରେ ଆସନ୍ତା ୧୪, ୧୫ ଓ ୧୬ ତାରିଖ ତିନି ଦିନ ଧରି ଶ୍ରୀକ୍ଷେତ୍ର ରଜ ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ଶ୍ରୀକ୍ଷେତ୍ର ରଜ ମହୋତ୍ସବ କମିଟି ପଣ୍ଡା ଜାଗା ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନୁଷ୍ଠାନର ସମ୍ପାଦକ ବିଜୟ କୁମାର ସ୍ୱାଇଁ କହିଛନ୍ତି, ଚଳିତବର୍ଷ ଅଷ୍ଟମ ଶ୍ରୀକ୍ଷେତ୍ର ରଜ ମହୋତ୍ସବ ତିନିଦିନ ଧରି ବୁଢ଼ୀମା ତୋଟା ପରିସରରେ ହେବ। ଝିଅ ଓ ମହିଳାଙ୍କ ଅଧରେ ପୁଚି, ପିଠା ପ୍ରସ୍ତୁତି, ମ୍ୟୁଜିକ ଚେୟାର ଓ କୁଇଜ ପ୍ରଭୃତି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ତୋଟା ପରିସରରେ ୪୦ଟି ଦୋଳି ବନ୍ଧାଯିବ। ପୁରୀ ସହରର ବିଭିନ୍ନ ସ୍ଥାନରୁ ପିଲା ଆସି ଦୋଳିଖେଳର ମଜା ନେଇପାରିବେ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ରଜଦୋଳି, ରଜପାନ ଏବଂ ମୀନାବଜାର ସହ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ସଙ୍ଗୀତ ମୁଖ୍ୟ ଆକର୍ଷଣ ରହିବ। ଓଡ଼ିଶାର ପାରମ୍ପରିକ ପର୍ବ ରଜକୁ ଲୋକଲୋଚନକୁ ଆଣିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ଭକ୍ତଚରଣ ଦାସ, ଉପଦେଷ୍ଟା ରବିନାରାୟଣ ସାମନ୍ତରାୟ, ଶ୍ୟାମାକାହ୍ନା ପଟନାୟକ ଏବଂ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପୁସ୍ତକ ହିଁ ମଣିଷକୁ ସମାଜର ଶୀର୍ଷକୁ ନେଇଥାଏ

**ପୁରୀ ଅଫିସ, ୧୦।୬**

ଶ୍ରୀକ୍ଷେତ୍ରରୁ ଗୁରୁବାର ବରଗଡ଼ସ୍ଥିତ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ରାଜ୍ୟ ପରିକ୍ରମା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ପୁରୀ ଗୌଡ଼ବାଡ଼ ସାହିସ୍ଥିତ ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ଆବାହକ ରବି ନାରାୟଣ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ପ୍ରମୋଦ କର ଯୋଗଦେଇ ପୁସ୍ତକ ହିଁ ମଣିଷକୁ ସମାଜର ଶୀର୍ଷକୁ ନେଇଥାଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଉତ୍କଳ ବିଦ୍ୱତ୍ ପରିଷଦର ଅଧ୍ୟକ୍ଷ ମନୋଜ ରଥ ପୁସ୍ତକ ପଠନ, ବ୍ୟାକରଣ ଜ୍ଞାନ ବୃଦ୍ଧି ସହ ବ୍ୟକ୍ତିର ସୃଜନ ଶକ୍ତିକୁ ପରିମାର୍ଜିତ କରିଥାଏ ବୋଲି କହିଥିଲେ। ଅତିଥି ଭାବେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ଯୋଗଦେଇଥିଲେ। ପୁସ୍ତକ ପଠନ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଶକୁନ୍ତଳା ରଥ, ରିଙ୍କି ଜେନା ଓ ମୀରା ଦେବନାଥଙ୍କୁ ପୁରସ୍କୃତ କରାଯାଇଥିଲା। ବିଜୟଲକ୍ଷ୍ମୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଖଙ୍ଗୁରିଆ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ : ଇଗଲ ୱାରିଅର୍ସ ବିଜୟୀ

**ବୋଲଗଡ଼,୧୦।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଖଙ୍ଗୁରିଆ ମିନି ଷ୍ଟାଡିୟମରେ ଚାଲିଥିବା ଖଙ୍ଗୁରିଆ ପ୍ରିମିୟର ଲିଗ୍ (କେପିଏଲ) କ୍ରିକେଟ ଟୁର୍ନାମେଣ୍ଟର ସପ୍ତମ ଲିଗ୍ ମ୍ୟାଚ୍‌ରେ ଶୁକ୍ରବାର ଲକ୍ଷ୍ମୀ ୱାରିଅର୍ସକୁ ହରାଇ ଇଗଲ ୱାରିଅର୍ସ ଟିମ୍ ବିଜୟୀ ହୋଇଛି। ଟସ୍ ଜିତି ଇଗଲ ୱାରିଅର୍ସ ବୋଲିଂ ନିଷ୍ପତ୍ତି ନେଇଥିଲା। ଲକ୍ଷ୍ମୀ ୱାରିଅର୍ସ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ବିନିମୟରେ ୫୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଇଗଲ ୱାରିଅର୍ସ ୭.୨ ଓଭରରେ ୩ ଉଇକେଟ ହରାଇ ୬୦ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ବିଜୟୀ ଟିମ୍‌ର ବ୍ରହ୍ମାନନ୍ଦ ମହାପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବବୁ ଓ ସୋନୁ ମ୍ୟାଚ୍ ପରିଚାଳନା କରିଥିଲେ। ଖଙ୍ଗୁରିଆ ମା'ରାମଚଣ୍ଡୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ କ୍ଲବର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ସଚେତନତା ଓ ସତର୍କତା ବିପର୍ଯ୍ୟୟକୁ ରୋକିବ



ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ଓ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୧୦।୬**

ସଚେତନତା ଓ ସତର୍କତା ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ସହ ଧନଜୀବନ ହାନିକୁ ରୋକାଯାଇପାରିବ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ମନୋଜ ପାଢ଼ୀ କହିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲା ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିପର୍ଯ୍ୟୟର ମୁକାବିଲା ପାଇଁ ଜୁନ୍ ୧୯ରେ ମକ୍‌ଡ୍ରିଲ ଆୟୋଜନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ ପାଢ଼ୀ କହିଥିଲେ, ଖୋର୍ଦ୍ଧା ବାତ୍ୟା ଓ ବନ୍ୟାପ୍ରବଣ ଜିଲା ହୋଇଥିବାରୁ ସମସ୍ତ ବିଭାଗ ସହ ଲୋକପ୍ରତିନିଧି, ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ସମନ୍ୱୟ ରହିଲେ ବିପର୍ଯ୍ୟୟକୁ ମୁକାବିଲା କରାଯାଇପାରିବ। ପାଣିପାଗ ସୂଚନାନୁସାରେ ଲୋକଙ୍କୁ ସଚେତନ, ବିପର୍ଯ୍ୟୟ ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତ ରହିବା, ଖାଦ୍ୟ, ଔଷଧ, ପାନୀୟଜଳ, ଅସ୍ଥାୟୀ ଆଶ୍ରୟସ୍ଥଳ ବ୍ୟବସ୍ଥା ଆଦି ଉପରେ ପାଢ଼ୀ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ୧୮ ତାରିଖରେ ସମସ୍ତ ବ୍ଲକର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଟେବୁଲ୍ ଟପ୍ ଏକ୍ସରସାଇଜ ଓ ୧୯ ତାରିଖରେ ମକ୍‌ଡ୍ରିଲ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଜିଲା ଜରୁରୀ ବିଭାଗ ଅଧିକାରୀ ଉର୍ମିପ୍ରଭା ମହାରଣା, ଓସ୍‌ଡମା ଜିଲା ପ୍ରକଳ୍ପ ଅଧିକାରୀ ସୁକାନ୍ତ ଦାସ, ଜିଲା ସଂଯୋଜକ ପ୍ରଦୀପ ସେଠୀ, ବିଭିନ୍ନ ବ୍ଲକର ବିଡିଓ ଓ ତହସିଲଦାର, ଅନ୍ୟାନ୍ୟ ବିଭାଗର ଅଧିକାରୀ, ଲୋକପ୍ରତିନିଧି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇଥିଲେ।

# ଗଣମାଧ୍ୟମ ସରକାର, ଜନତାଙ୍କ ମଧ୍ୟରେ ସମ୍ପର୍କ ସେତୁ

**ଖୋର୍ଦ୍ଧା ଅଫିସ,୧୦।୬**

ଖୋର୍ଦ୍ଧା ସାମ୍ବାଦିକ ସଂଘ ପକ୍ଷରୁ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗରୁ ନିକଟରେ ଅବସର ଗ୍ରହଣ କରିଥିବା ୪ର୍ଥ ଶ୍ରେଣୀ କର୍ମଚାରୀ ଦେବରାଜ ମହାରଣାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଶୁକ୍ରବାର ଖୋର୍ଦ୍ଧା ସାମ୍ବାଦିକ ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ଶୁଭ୍ରାଂଶୁ ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବ୍ୟକ୍ତିତ୍ୱ ହିଁ ତାଙ୍କ ପରିଚୟ। ଏହି ଅବସରରେ ଦେବରାଜଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବରାଜ କହିଥିଲେ, ଚାକିରି କାଳ ମଧ୍ୟରେ ଅନେକ ଖବରଦାତାଙ୍କ ସଂସ୍ପର୍ଶରେ ଆସିଛି। ସମାଜ ପ୍ରତି ସେମାନଙ୍କ ଉତ୍ତରଦାୟିତ୍ୱ ରହିଛି। ଖବରଦାତାମାନେ ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କର ସେତୁ ଭଳି କାର୍ଯ୍ୟ କରିଥାନ୍ତି। ସରକାରଙ୍କ ବିଭିନ୍ନ ଯୋଜନାକୁ ଲୋକାଭିମୁଖୀ କରିବା ଦିଗରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ସତ୍ୟ ଆଧାରିତ ଖବର ପରିବେଷଣ ଲାଗି ପରାମର୍ଶ ଦେଇଥିଲେ। ଖବରଦାତା ରାମନାରାୟଣ ଦାଶ ଓ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଏହାର ସଂଯୋଜନା କରିଥିଲେ। ବାଲାଜୀ ପାତ୍ର ଧନ୍ୟବାଦ ଦେଇଥିଲେ। ସୂର୍ଯ୍ୟ ନାରାୟଣ ମହାନ୍ତି, ଦିଲୀପ ପଟ୍ଟନାୟକ, ପ୍ରକାଶ ହାତୀ, ଗୋପାଳ କୃଷ୍ଣ ଦାସ, ଗୋପାଳ କୃଷ୍ଣ ପ୍ରଧାନ, ରଞ୍ଜିତ କେଏନ୍ ସାମନ୍ତରାୟ, ରଞ୍ଜିତ ପାଟ୍ଟଶାଣୀ, ପ୍ରବୀଣ ଭଞ୍ଜଦେଓ, ଆଶିଷ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ଅବସରପ୍ରାପ୍ତ କର୍ମଚାରୀ ଦେବରାଜ ମହାରଣାଙ୍କୁ ସମ୍ବର୍ଦ୍ଧନା ଅବସରରେ ଖୋର୍ଦ୍ଧା ସାମ୍ବାଦିକ ସଂଘର କର୍ମକର୍ତ୍ତା ଓ ଅନ୍ୟମାନେ।

# ମିଳୁନି ରାଶନ କାର୍ଡ, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ଉଦ୍‌ବେଗ

**ବେଗୁନିଆ ପଞ୍ଚାୟତ ସମିତି ପ୍ରଥମ ସାଧାରଣ ବୈଠକ**

**ବେଗୁନିଆ,୧୦।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କାର୍ଯ୍ୟାଳୟର ଅଭ୍ୟର୍ଥନା ପ୍ରକୋଷ୍ଠରେ ଶୁକ୍ରବାର ପଞ୍ଚାୟତ ସମିତି ପକ୍ଷରୁ ପ୍ରଥମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ପରିଚାଳନାରେ ବିଡିଓ ଲକ୍ଷ୍ମୀଧର ସାହୁ, ୨୨ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ପ୍ରକାଶ ସାହୁ, ୨୪ନଂ.ଜୋନ୍ ସଭ୍ୟା ତନୁଜା ପାଟ୍ଟଶାଣୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଞ୍ଚଳରେ ରହିଥିବା ସମସ୍ୟା ଓ ବିକାଶ ଦିଗରେ ବୈଠକରେ ଆଲୋଚନା ହୋଇଥିଲା। ରାଶନ କାର୍ଡ ପ୍ରକୃତ ହିତାଧିକାରୀଙ୍କୁ ମିଳୁ ନ ଥିବା ବେଳେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ମେଗା ପାନୀୟ ଜଳ ଯୋଗାଣର ସୁବିଧା ଗ୍ରାମବାସୀ କେବେ ପାଇବେ ବୋଲି ଉପସ୍ଥିତ ସମିତି ସଭ୍ୟମାନେ କହିଥିଲେ। ୨୦୨୩ ସୁଦ୍ଧା ବ୍ଲକର ସମସ୍ତ ୧୬୨ ଗ୍ରାମର ଘରେ ଘରେ ଲୋକେ ସ୍ୱଚ୍ଛ ପାନୀୟଜଳ ପାଇପାରିବେ ବୋଲି ଯନ୍ତ୍ରୀ ଉତ୍ତର ଦେଇଥିଲେ। ସେହିପରି ଓଏଲ୍ଏମ୍ ଯୋଜନାର ଉପକାର ଲୋକେ ପାଇପାରୁନାହାନ୍ତି ବୋଲି ପୋଡ଼ାଡିହ ସରପଞ୍ଚ ଲତା ସେଠୀ କହିଥିଲେ। ସବୁଠି ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାର ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନାହିଁ। ୯୮ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିରହିଛି ବୋଲି ସରପଞ୍ଚମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ପ୍ରକୃତ ହିତାଧିକାରୀଙ୍କୁ ମିଳୁନି ପ୍ରମାଣପତ୍ର କାର୍ଡ। ୩୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଅନ୍‌ଲାଇନରେ ଆବେଦନ କରି ଅପେକ୍ଷା କରି ରହିଛନ୍ତି। ଟାର୍ଗେଟ୍ ଅନୁସାରେ ଏବଂ ଚୟନ କରାଯାଇ ହିତାଧିକାରୀଙ୍କୁ ପ୍ରମାଣପତ୍ର ଯୋଗାଇ ଦିଆଯାଇଛି ବୋଲି ଯୋଗାଣ ଅଧିକାରୀ ମନୋଜ କୁମାର ଶର୍ମା କହିଥିଲେ। ସେହିପରି ବ୍ଲକବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇପାରୁନାହାନ୍ତି। ଡାକ୍ତରମାନେ ନିୟମିତ କେନ୍ଦ୍ରକୁ ଆସୁନାହାନ୍ତି, ସପ୍ତାହକୁ ଦିନେ ଆସୁଛନ୍ତି। ଗର୍ଭବତୀଙ୍କୁ ପ୍ରସୂତି ପାଇଁ ଘରୋଇ ଚିକିତ୍ସାଳୟକୁ ପଠାଇ ଦିଆଯାଉଛି ବୋଲି ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ କହିଥିଲେ। ସ୍ୱାସ୍ଥ୍ୟ ବିଭାଗର ପିଏଚ୍‌ଇଓ ପ୍ରଭାସିନୀ ପଣ୍ଡା ଏହି ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ। ପରେ ବିଡିଓ ସାହୁ ତଦନ୍ତ କରି ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିପିଇଓ ଦେବାଶିଷ ସାହୁ ଧନ୍ୟବାଦ ଦେଇଥିଲେ। ବୈଠକରେ ୨୧ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

